ଧରିତ୍ରୀ
DHARITRI
October 30-November 5, 2022 ₹2/-

ଛୁଟିଦିନ

# ସର୍ଜନାରେ ରିକ୍ସା ଓ କଟକର ନକ୍ସା

ଦିନ ଥିଲା କଟକରେ ରିକ୍ସା ହିଁ ଥିଲା ଯାତାୟାତର ମୁଖ୍ୟ ମାଧ୍ୟମ। ଆଉ ସୃଜନଶୀଳ ବ୍ୟକ୍ତି ବିଶେଷଙ୍କ ଭରସା। ରିକ୍ସାରେ ଯିବାବେଳେ କିଏ ରିକ୍ସାବାଲା ମୁହଁକୁ ଦେଖି ବିଦ୍ରୋହର କବିତା ଲେଖିଲେ ତ କିଏ କଷଣର କଥା ଲେଖିଲେ । କିଏ ତା'ର ଯନ୍ତ୍ରଣାକୁ ରୂପ ଦେଲେ କାନ୍‌ଭାସରେ ତ କିଏ ଗୀତ ଫାନ୍ଦି, ଫଟୋ ଉଠେଇ ରିକ୍ସାବାଲାଙ୍କୁ ଗୁରୁତ୍ୱ ଦେଇ ଆଣି ଥୋଇଲେ ସାଧାରଣ ଜୀବନରେ। ସର୍ଜକର ସର୍ଜନାରେ ରିକ୍ସାବାଲାର ଚରିତ୍ର ଚିତ୍ରିତ ହେଲା ବିଭିନ୍ନ ବାଗରେ । ଆଉ ରିକ୍ସା ପାଲଟିଲା ସୃଜନର ପ୍ରେରଣା ...

୩

ପ୍ରଚ୍ଛଦ ପ୍ରସଙ୍ଗ



## ସମ୍ପର୍କକୁ ଦୃଢ କରେ
# କର୍ପୂର ଆଳତି

**ପୂଜା କରିବା ସମୟରେ ଠାକୁରଙ୍କ ପାଖେ କର୍ପୂର ଆଳତି କଲେ ପରିବାରରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ଏହି କର୍ପୂର ଆଳତି ଦ୍ୱାରା ଆଉ କ'ଣ ଶୁଭଫଳ ମିଳିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* ପରିବାର ସଦସ୍ୟଙ୍କ ଭିତରେ ପ୍ରେମ ଭଲ ପାଇବା ବଢାଇବାରେ କର୍ପୂର ଆଳତିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ସକାଳେ ପୂଜା କରିବା ସମୟରେ ହେଉ ଅଥବା ସନ୍ଧ୍ୟା ଦେବା ସମୟରେ ଯଦି କର୍ପୂର ଆଳତି କରି ଘର ସାରା ବୁଲାଯାଏ, ତା'ହେଲେ ଘରେ ଆର୍ଥିକ ଅଭିବୃଦ୍ଧି ହେବା ସହ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ। ଯଦି ଉଭୟ ସକାଳେ ଓ ସନ୍ଧ୍ୟାରେ କର୍ପୂର ଆଳତି କରୁଛନ୍ତି ତା'ହେଲେ ତ ଆହୁରି ଭଲ।



* ବେଳେବେଳେ ଛୋଟମୋଟ କଥାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହୋଇଥାଏ। ତେଣୁ ଏଭଳି ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଶୟନ କକ୍ଷରେ କିଛି କର୍ପୂର ଜାଳି ଘରସାରା ବୁଲାଇ ଦେଲେ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି।
* ସେହିପରି ରାତିରେ ଶୋଇବା ପୂର୍ବରୁ କୌଣସି ଏକ ରୂପା ପାତ୍ରରେ କର୍ପୂର ଜାଳି ରୋଷେଇ ଘରେ ଟିକେ ବୁଲାଇ ଦେଲେ ଘରେ କେବେ ବି ଖାଦ୍ୟାଭାବ ଦେଖା ଦେଇ ନଥାଏ। କିନ୍ତୁ ଧ୍ୟାନ ରଖିବେ, ରାତିରେ ଘରେ ସମସ୍ତେ ଖାଇ ସାରିବା ପରେ ରୋଷେଇ ଘରକୁ ଭଲ ଭାବେ ପରିଷ୍କାର କରି ଏହି ଉପାୟଟିକୁ କରିବା ବିଧେୟ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୩୦-ନଭେମ୍ବର ୫**

**ମେଷ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଋଣ ପରିଶୋଧ ଚିନ୍ତା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ପରିବାରରେ ବିତର୍କ, ସହକର୍ମୀଙ୍କ ଅସହଯୋଗ, କଳାସାହିତ୍ୟରୁ ପ୍ରଶଂସା, ଦର୍ଶନୀୟ ସ୍ଥାନ ପରିଦର୍ଶନ, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ, କାର୍ଯ୍ୟସିଦ୍ଧିର ପୂର୍ବାଭାଷ ॥

**ବୃଷ**
ବିଷାଦଗ୍ରସ୍ତ ହେବେ, ପାରିବାରିକ ସମସ୍ୟା, ଅର୍ଥ ଉପାର୍ଜନରେ ସଫଳତା, ବକେୟା ପାଉଣାପ୍ରାପ୍ତି, ପ୍ରତିରୋଧ ଦୂର ହେବ, ଭାବପ୍ରବଣତା ବୃଦ୍ଧି, କାର୍ଯ୍ୟ ଅଟକି ପାରେ, ନୂଆ ସମ୍ପର୍କ ସୃଷ୍ଟି ହେବ, ବ୍ୟବସାୟରେ ସଫଳତା ॥

**ମିଥୁନ**
ବନ୍ଧୁଙ୍କ ପରାମର୍ଶ, ନୂତନ ଯୋଜନାରମ୍ଭ, ପାରିବାରିକ ଶାନ୍ତି, କର୍ମାରମ୍ଭରେ ବିଶୃଙ୍ଖଳା, ଭ୍ରମଣ ସୁଯୋଗପ୍ରାପ୍ତି, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ, ମାନସିକ ଦ୍ୱନ୍ଦ୍ୱର ଅବସାନ, ପ୍ଲଟିଙ୍ଗ କାରବାରରେ ଅଗ୍ରଗତି ॥

**କର୍କଟ**
ଉଚ୍ଚଚିନ୍ତା, ଅତିଥି ସେବାର ସୁଯୋଗ, ସଭାସମିତିକୁ ନିମନ୍ତ୍ରଣ, ଯୋଗସାଧନାରେ ରୁଚି, ବନ୍ଧୁଙ୍କ ଆଚରଣରେ ବିତର୍କ, ଅର୍ଥ ସଂକଟ, ଗୃହସୀମା ବିବାଦ, ଆଇନ ସହାୟତା ମିଳିବ, ପ୍ରଶାସନିକ ଆଲୋଚନା, ଦୂରଯାତ୍ରା କରିବେ ॥

**ସିଂହ**
ବ୍ୟସ୍ତବହୁଳ କର୍ମକ୍ଷେତ୍ର, ବିବାଦୀୟ ସ୍ଥିତି, ସମ୍ପର୍କହାନୀ, ଆର୍ଥିକ ଦୂରାବସ୍ଥା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି, ବନ୍ଧୁଙ୍କ ପରାମର୍ଶ, ସ୍ତ୍ରୀଙ୍କ ପ୍ରେରଣା, ବ୍ୟୟାଧିକରୁ ମନସ୍ତାପ, ବିଳମ୍ବରେ କାର୍ଯ୍ୟସିଦ୍ଧି, ଆର୍ଥିକ ସ୍ଥିତିରେ ଉନ୍ନତି ॥

**କନ୍ୟା**
ଶାରୀରିକ ସୁସ୍ଥତା, ନୈରାଶ୍ୟରୁ ମନଦୁଃଖ, ବନ୍ଧୁଙ୍କ ପ୍ରତାରଣା, ପକେଟମାର୍ ଆଶଙ୍କା, ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ, ଆରୋଗ୍ୟ ଲାଭ, ସାଂଗଠନିକ ଆଲୋଚନା, ପ୍ରକାଶନରେ ବିଳମ୍ବ ॥

**ତୁଳା**
ଦୈହିକ ଦୁର୍ବଳତା, ଋଣପ୍ରାପ୍ତିର ଯୋଜନା, ଭ୍ରାତୃ ସମ୍ପର୍କରେ ଉନ୍ନତି, ଜନକଲ୍ୟାଣ କର୍ମରୁ ପ୍ରଶଂସା, ଲେଖାପଢାରେ ଆଗ୍ରହ, ସଙ୍ଗୀତ ସାଧନାରେ ବିମୁଖତା, କର୍ମଜଞ୍ଜାଳ ବୃଦ୍ଧି, ବ୍ୟବସାୟିକ ସଫଳତା ॥

**ବିଛା**
ନୈତିକତାର ପ୍ରଶଂସା, ସ୍ୱାସ୍ଥ୍ୟ ସମସ୍ୟା ରହିବ, ମଧ୍ୟସ୍ଥତାରୁ ସମାଲୋଚନା, ସତ୍‌ସଙ୍ଗର ସୁଯୋଗ, ସାମାଜିକ ମୂଲ୍ୟବୋଧ ବଢିବ, ସଭାସମିତିକୁ ଆହ୍ୱାନ, ବନ୍ଧୁପ୍ରସ୍ତାବ ଆସିବ, ଗୃହପୋକରଣ କ୍ରୟ, ପଦୋନ୍ନତିର ସୂଚନା ॥

**ଧନୁ**
ନିରାମୟ ସ୍ୱାସ୍ଥ୍ୟରୁ ଆନନ୍ଦ, ପ୍ରତିବନ୍ଧକ ଦୂର ହେବ, କର୍ମକ୍ଷେତ୍ରରେ ସମାଲେଚନା, ବନ୍ଧୁଙ୍କୁ ଭେଟିପାରନ୍ତି, ପରୋକ୍ଷ ଶତ୍ରୁତା, ପାରିଶ୍ରମିକ କମ୍ ପାଇବେ, ସମସ୍ୟା ସମାଧାନ ହେବ, ଅସୁସ୍ଥ ମାନସିକତା, ସତ୍‌ସଙ୍ଗର ସୁଯୋଗ ଲାଭ ॥

**ମକର**
ମାନସିକ ଦୁଃଶ୍ଚିନ୍ତା, ବନ୍ଧୁଙ୍କ ଭୁଲ୍ ବୁଝାମଣା, ସମସ୍ୟା ସମାଧାନ, ପରିସ୍ଥିତି ବଦଳିବ, ଯୋଜନା ବିଗିଡିପାରେ, ଅସମ୍ପୂର୍ଣ୍ଣ କାମରୁ ଅଶାନ୍ତି, ପଡୋଶୀଙ୍କ ଭର୍ତ୍ସନା, ପୁରୁଣାଗାଡି କିଣାବିକା, ଯାତ୍ରାରେ ଲକ୍ଷ୍ୟପୂରଣ ॥

**କୁମ୍ଭ**
ଭ୍ରାତୃସମ୍ପର୍କ ବୃଦ୍ଧି, ସହକର୍ମୀଙ୍କ ପ୍ରତିବାଦ, ବନ୍ଧୁଙ୍କ ସାହାଯ୍ୟ, ଶୁଭଖବର ପାଇବେ, ଏଜେନ୍ସିପ ବଢିବ, କରଜଦାତାଙ୍କ ଚାପ ବୃଦ୍ଧି, କାମ ଅସମ୍ପୂର୍ଣ୍ଣ ରହିବ, ଦୂରସ୍ଥାନକୁ ଯାତ୍ରା, ମିତ୍ରବନ୍ଧୁ ଜୁଟିବେ, ବିତର୍କରୁ ବିବାଦ ବୃଦ୍ଧି ॥

**ମୀନ**
ପାରିବାରିକ ଅସହଯୋଗ, ଧର୍ମକାର୍ଯ୍ୟରେ ରୁଚି, ଯାତ୍ରାରେ ଲକ୍ଷ୍ୟ ପୂରଣ, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ବୁଝାମଣା ଠିକ୍ ରହିବ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବରପ୍ରାପ୍ତି ॥

# ଜିରାର ଉପକାରିତା

ଜିରା କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରିଥାଏ ତାହା ନୁହେଁ, ଏଥିରେ ଭରି ରହିଥିବା ବହୁ ଔଷଧୀୟ ଗୁଣ ଅନେକ ରୋଗରୁ ମଧ୍ୟ ଆମକୁ ମୁକ୍ତି ଦେଇଥାଏ। ବିଶେଷକରି ଗ୍ୟାସ୍ ହୋଇ ପେଟ ଫୁଲିଥିଲେ କିମ୍ବା ଆମ୍ବିଳା ହେକୁଟି ହେଉଥିଲେ କିଛି ଜିରାକୁ ଚୋବାଇ ଉଷୁମ ପାଣି ପିଇଦେଲେ ବେଶ୍ ଆରାମ ମିଳିଥାଏ। କେବଳ କଞ୍ଚା ଜିରା କାହିଁକି ଭଜା ଜିରାର ଗୁଣ୍ଡକୁ ବି ସେବନ କଲେ ଅନେକ ଉପକାର ମିଳେ। ଯଦି ଥଣ୍ଡା ହୋଇ ବାରମ୍ବାର ଛିଙ୍କ ହେଉଥାଏ, ତା'ହେଲେ ଜିରା ଗୁଣ୍ଡକୁ ଏକ କପଡ଼ାରେ ବାନ୍ଧି ବାରମ୍ବାର ଶୁଙ୍ଘିଲେ ଛିଙ୍କ ବନ୍ଦ ହୋଇଯାଇଥାଏ ବୋଲି ଏକ ପରୀକ୍ଷଣରୁ ଜଣାପଡିଛି। ସେହିପରି ପାଚନ ତନ୍ତ୍ର ଦୁର୍ବଳ ହୋଇ ଯାଉଥିଲେ ଭଜା ଜିରାର ଗୁଣ୍ଡକୁ କିଛି ଦିନ ସେବନ କଲେ ଅନେକ ଉପକାର ମିଳେ ; କାରଣ ଏଥିରେ ଆଣ୍ଟିଅକ୍ସିଡାଣ୍ଟର କିଛି ଗୁଣ ରହିଛି। ମୁଣ୍ଡବିନ୍ଧା ହେଉଥିଲେ ଜିରା ଗୁଣ୍ଡରେ କିଛି ମିସିରି ମିଶାଇ ଖାଇଲେ ବି ଅନେକାଂଶରେ ଶାନ୍ତି ମିଳିଥାଏ ବୋଲି ବିଶ୍ୱାସ କରାଯାଏ। କେବଳ ଏତିକି ନୁହେଁ, ଚୁଟି ଝଡୁଥିଲେ କିମ୍ବା କୃମି ହେଉଥିଲେ ଅଥବା ଶରୀରରେ ରକ୍ତର ପରିମାଣ କମ୍ ଥିଲେ ଜିରା ଗୁଣ୍ଡକୁ ସେବନ କରିବା ବି ଶରୀରକୁ ଅନେକ ଫାଇଦା ଦେଇଥାଏ।



# ପାଠକୀୟ

* ମଣିଷର ପରିସ୍ଥିତି ବେଳେବେଳେ ଏମିତି ହୋଇଯାଏ ଜୀବନ ତା' ପାଇଁ ବିଷ ପାଲଟିଯାଏ। ତେବେ ଏମିତି ପରସ୍ଥିତିରୁ ତାକୁ ବାହାର କରିବା ସହ ଜୀବନ ଜିଇଁବା ପାଇଁ ଯେ, ପରାମର୍ଶ ଦିଅନ୍ତି ସେ କେବଳ ମାର୍ଗଦର୍ଶକ ହିଁ ହୋଇପାରନ୍ତି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ମାର୍ଗଦର୍ଶକ' ବେଶ୍ ଚମତ୍କାର ହୋଇପାରିଥିଲା। 'ସୌଭାଗ୍ୟ ବଢାଏ ମାଟିପାତ୍ର', 'ନାଚୁରାଲ ହେଲ୍‌ଥ ଟିପ୍ସ' ଆଦି ପାଠଗୁଡ଼ିକରୁ ବହୁ ଅଜଣା କଥା ଜାଣିହେଲା।

*– ସ୍ୱପ୍ନାମୟୀ ପ୍ରଧାନ, ପାଣିକୋଇଲି, ଯାଜପୁର*

* ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମାର୍ଗଦର୍ଶକ' ଏକ ରୁଚିପୂର୍ଣ୍ଣ ତଥା ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ବେଲ୍ଟ ଫ୍ୟାଶନ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, କଥାକାର, ନାଟ୍ୟକାର ତଥା ନିର୍ଦ୍ଦେଶକ ଦିଲୀପ ବଳବନ୍ତରାୟଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ଜାଣି ଆଗକୁ ବଢିବାକୁ ପ୍ରେରଣା ମିଳିଲା।

*– ରାଜେଶ କୁମାର ସେଠୀ, କସ୍ତୁରୀ ନଗର, ରାୟଗଡ଼ା*

* ସୃଜନ ପୃଷ୍ଠାରେ ସ୍ଥାନିତ 'ଗଣ୍ଠି' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। 'ଝିଅ' ଓ 'ଝିଅଟିଏ' ଶୀର୍ଷକ କବିତା ଦୁଇଟି ବି ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ବିଶାଳରୁ ଅଜୟ', 'ନୁସରତ୍‌ଙ୍କ ଡିନର ପାର୍ଟି' ତଥା 'ଇମୋଶନାଲ ସୋନାକ୍ଷୀ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ସାହିତ୍ୟିକା ତଥା ଶିକ୍ଷୟିତ୍ରୀ ମନୀଷା ପଣ୍ଡାଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

*– ମୌସୁମ ବାରିକ, କଳିଙ୍ଗ ନଗର, ଭୁବନେଶ୍ୱର*

* 'ଦାମୀ କିନ୍ତୁ ଅଦରକାରୀ' ପାଠଟି ଏକ ଉପାଦେୟ ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ଚନ୍ଦ୍ରିକା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ 'ଉଟୋର୍ଡା ବିଚ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। 'ସେଓ' ପାଠଟି ଏକ ଶିକ୍ଷଣୀୟ ଆଲେଖ୍ୟ ଥିଲା। 'ଲମ୍ବା ଶିଙ୍ଗ ଥିବା ବୁଢିଆଣୀ' ପାଠଟି ବି ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ହରିବ୍ରହ୍ମା ମିଶ୍ର, ଚନ୍ଦନପୁର, ପୁରୀ*

* ଏଥରର ବ୍ୟଙ୍ଗ 'କଳିରେ କଳିରେ କୋଳାକୋଳି' ପାଠଟି ଯେତିକି ଶିକ୍ଷଣୀୟ ଥିଲା ସେତିକି ମର୍ମଭେଦୀ ବି ହୋଇପାରିଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗୋଟେ ହାତ ଓ ଅଧା ଗୋଡ଼ରେ ପୃଥିବୀ ଭ୍ରମଣ', 'ଉଡ଼ନ୍ତା ବାଇକ' ତଥା 'ଅନୁସନ୍ଧାନୀ ମୂଷା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ହୋଇପାରିଥିଲା।

*– ସତ୍ୟନାରାୟଣ ରଥ, ବାରଙ୍ଗ, କଟକ*

* ମୋତେ ଛୁଟିଦିନର ପ୍ରତ୍ୟେକଟି ପୃଷ୍ଠା ବେଶ୍ ଆକର୍ଷକ ଲାଗିଥାଏ। ବିଶେଷକରି ସାଥୀର ଉତ୍ତର ମୋର ଖୁବ୍ ପସନ୍ଦ। ବ୍ୟଙ୍ଗ ବି ପଢିବାକୁ ବହୁତ ଭଲ ଲାଗେ।

*– ସୁନନ୍ଦା ଦାଶ, ସୁନ୍ଦରଗଡ଼*

## ବିଶେଷ ଚିଠି




ପ୍ରଚ୍ଛଦରେ ମାର୍ଗଦର୍ଶକ
ଦେଉଥିଲା ଶିକ୍ଷା ଅନେକ।
ଲାଇଫ୍‌ଷ୍ଟାଇଲ୍‌ରେ ବେଲ୍ଟ ଫ୍ୟାଶନ
ଜିଣି ନେଉଥିଲା ସଭିଙ୍କର ମନ।
ବ୍ୟକ୍ତିତ୍ୱ ବି ଥିଲା ବଡ଼ ଚମତ୍କାର
ଶିଖାଉଥିଲା କଥା ଜୀବନର।
ତା'ସାଙ୍ଗକୁ ପୁଣି ସହର ଓ ସୃଜନ
ମନରେ ଭରିଦେଉଥିଲା ନୂଆ ସ୍ପନ୍ଦନ।
ଆହେ ! ଛୁଟିଦିନ ତୁମେ ବଢିଆ
ସବୁବେଳେ ତୁମେ ଏମିତି ହସୁଥାଅ।

*– ଚୌଧୁରୀ ରୂପାଲି ଦାଶ,*
*ବଳଭଦ୍ରପୁର ଶାସନ, ଆଳି*


ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସର୍ଜନାରେ ରିକ୍ସା ଓ କଟକର ନକ୍ସା

ଦିନ ଥିଲା କଟକରେ ରିକ୍ସା ହିଁ ଥିଲା ଯାତାୟାତର ମୁଖ୍ୟ ମାଧ୍ୟମ। ଆଉ ସୃଜନଶୀଳ ବ୍ୟକ୍ତି ବିଶେଷଙ୍କ ଭରସା। ରିକ୍ସାରେ ଯିବାବେଳେ କିଏ ରିକ୍ସାବାଲା ମୁହଁକୁ ଦେଖି ବିଦ୍ରୋହର କବିତା ଲେଖିଲେ ତ କିଏ କଷଣର କଥା ଲେଖିଲେ । କିଏ ତା'ର ଯନ୍ତ୍ରଣାକୁ ରୂପ ଦେଲେ କାନ୍‌ଭାସରେ ତ କିଏ ଗୀତ ଫାନ୍ଦି, ଫଟୋ ଉଠେଇ ରିକ୍ସାବାଲାଙ୍କୁ ଗୁରୁତ୍ୱ ଦେଇ ଆଣି ଥୋଇଲେ ସାଧାରଣ ଜୀବନରେ। ସର୍ଜକର ସର୍ଜନାରେ ରିକ୍ସାବାଲାର ଚରିତ୍ର ଚିତ୍ରିତ ହେଲା ବିଭିନ୍ନ ବାଗରେ । ଆଉ ରିକ୍ସା ପାଲଟିଲା ସୃଜନର ପ୍ରେରଣା ...





ଆମ ପିଲାଦିନର କଟକ ଆମ ପିଲାଙ୍କ ବେଳକୁ ନାହିଁ । ଆମ ବାପାଙ୍କ ଅମଳର କଟକ ଆମ ବେଳକୁ ନ ଥିଲା । ଥିଲାବାଲା ଘରେ ଘୋଡ଼ାଗାଡ଼ି ରହୁଥିଲା । କାଳକ୍ରମେ ଘୋଡ଼ା ରହିଲାନି, ଗାଡ଼ି ବି ପଡ଼ି ପଡ଼ି ଖତ ଖାଇଗଲା । ତା'ପରେ ଆସିଲା ରିକ୍ସା । ରିକ୍ସାମାନ ଘରେ ବନ୍ଧାହେଲେ । ଘର ବାହାର କୋଣକୁ ଦୁଇ ବଖୁରିଆ ଚାଳିରେ ରିକ୍ସାବାଲା ପରିବାର ନେଇ ଘରମାଲିକଙ୍କ ଘରେ ରହିଲେ । ପରିବା ଆଣିବାଠୁଁ ମାଲଗୋଦାମ ଯିବା ଆସିବା, ଡାକ୍ତରଖାନାଠୁଁ ଦପ୍ତର କୋର୍ଟ କଚେରି ଯିବାଆସିବା ଭଳି ନିତିଦିନିଆ କାମ ପାଇଁ ରିକ୍ସାବାଲା ରିକ୍ସା ବାହିଲେ । ବୋହୂ ଭୁଆସୁଣୀମାନେ ବଜାର ଯାଉଥିଲାବେଳେ ରିକ୍ସା ଚାରିପଟେ ଲୁଗା ବନ୍ଧା ଯାଉଥିଲା । ଜେଲ ଜଳକା ବାଟେ କଏଦୀ ବାହାରକୁ ଚାହୁଁଥିଲା ଭଳି ରିକ୍ସାରେ ଯାଉଥିବା ଘର ମହିଳାମାନେ କନା ଫାଙ୍କ ଦେଇ ବାହାର ଦେଖୁଥିଲେ । ଘର ରିକ୍ସା । ରିକ୍ସାବାଲା ଦାୟିତ୍ୱରେ ନେଇ ଦାୟିତ୍ୱରେ ଆଣୁଥିଲା । ଘରକୁ କାର୍ ଆସିସାରିଲା ପରେ ରିକ୍ସା ଆଉ ଘର ଭିତରେ ଘର କରି ରହିଲେ ନାହିଁ । ଆସ୍ତେ ଆସ୍ତେ ରିକ୍ସା ଗଲା । ତା'ସହ ରିକ୍ସାବାଲାମାନେ ମଧ୍ୟ । ସେଇ ଦୁଇ ବଖୁରିଆ ଚାଳିଆରେ ଘର ପାଇଟି କରୁଥିବା ଲୋକ ରହିଲେ । ରିକ୍ସାରେ ବୁଲିବା ଅନୁଭୂତି ଆଜି ବି ମନେ ପଡିଯାଏ । କଛାମରା ଲୁଙ୍ଗି। ଦେହଟା ଖାଲି । ପେଡାଲ ମାରିବା ବେଳେ ଗୋଡ଼ ଶିରା ଟାଣି ହୋଇ ଫୁଲି ଯାଉଥିବ। ହେଇ ଯେମିତି ଅବିକା ଶିରା ଫାଟି ପୁଚ୍‌କିନା ରକ୍ତ ବାହାରି ଆସିବ । କାନ୍ଧ ପଛପାଖ ମାଂସ ଗୋଟେ ପେଡାଲ ସହ ତାଳ ଦେଇ ଉପର ତଳ ହେଉଥିବ । ଶକ୍ତ ହାତରେ ହାଣ୍ଡେଲ ମୁଠାକୁ ମୁଠେଇ ଧରିଥିବ । କାନ ସନ୍ଧିରୁ ଝାଳ ବୋହିଆସି ଲୁଙ୍ଗିରେ ଭେଦି ଯାଉଥିବ । ଉଠାଣି ଉଠେଇଲା ବେଳେ ଦାନ୍ତ ଭିଡି ପେଡାଲ କଷୁଥିବା ମୁହଁକୁ, ଭିତରକୁ ପୋଷେ ପଶିଯାଉଥିବା ପେଟକୁ, କଳିଜା ଫୁଟେଇ ବୁନ୍ଦା ବୁନ୍ଦା ଝାଳରେ ଝାଳେଇ ଯାଉଥିବା ଛାତିକୁ ଦେଖିପାରେନା ସାହିତ୍ୟ କରୁଥିବା ସମ୍ବେଦନଶୀଳ ମଣିଷ । ଯେଉଁମାନେ ରିକ୍ସାରେ ଯିବାବେଳେ ରିକ୍ସାବାଲା ମୁହଁକୁ ଦେଖିପାରିଲେ ସେମାନେ ତାକୁ ନେଇ ବିଦ୍ରୋହର କବିତା ଲେଖିଲେ। ତା' କଷଣର କଥା ଲେଖିଲେ । ବିପ୍ଲବୀ କବି ରବି ସିଂ ହୁଅନ୍ତୁ ଅଥବା ବିଶିଷ୍ଟ କଥାକାର ପଦ୍ମଜ ପାଳ ରିକ୍ସାବାଲାର କଷଣ, ମାନବିକତା ଏବଂ ପରିଶ୍ରମକୁ ନେଇ ସାହିତ୍ୟରେ ଜୀବନ ଦେଲେ । କଠୋର ପରିଶ୍ରମ କରୁଥିବା ଏହି ସାହାଯ୍ୟକାରୀ ବନ୍ଧୁଜଣଙ୍କ ନିଜ ବ୍ୟବହାର ଓ ପରିଶ୍ରମକୁ ଭାବେ ସମ୍ପତ୍ତି। ଗ୍ରାହକ ଈଶ୍ୱର ନ୍ୟାୟରେ ଗ୍ରାହକ ସ୍ଥିର କରିଥିବା ମୂଲ ନେଇ ପ୍ରାୟ ରିକ୍ସା ଟାଣେ । ଖରା, ବର୍ଷା, ଶୀତ, କାକରକୁ ଖାତିର ଥିଲେ ବି ସେସବୁକୁ ବେଖାତିରଭାବ ଦେଖେଇ ରିକ୍ସା ଚଲାଏ । ରିକ୍ସାବାଲାଙ୍କୁ ନେଇ ଯେଉଁମାନେ ଭାବୁକ ହେଲେ ଆଉ ଯେଉଁମାନେ ରିକ୍ସାରେ ଯିବାବେଳେ ରିକ୍ସାବାଲା ମୁହଁକୁ ଦେଖିପାରିଲେ ସେମାନେ ତାକୁ ନେଇ ଭିନ୍ନ ଭିନ୍ନ ଭାବପୋଷଣ କଲେ । କିଏ ଯନ୍ତ୍ରଣାକୁ ରୂପ ଦେଲା କାନ୍‌ଭାସରେ ତ କିଏ ଗୀତ ଫାନ୍ଦି, ଫଟୋ ଉଠେଇ ରିକ୍ସାବାଲାଙ୍କୁ ଗୁରୁତ୍ୱ ଦେଇ ଆଣି ଥୋଇଲେ ସାଧାରଣ ଜୀବନରେ। ସର୍ଜକର ସର୍ଜନାରେ ରିକ୍ସାବାଲାର ଚରିତ୍ର ବିଭିନ୍ନ ପ୍ରକାର ଚିତ୍ରିତ ହେଲେ । ରିକ୍ସା ପାଲଟିଗଲା ପ୍ରେରଣା ଓ ଉତ୍‌ପ୍ରେରକ। କିଏ ରିକ୍ସାବାଲାକୁ ଶ୍ରେଣୀ ସଂଘର୍ଷର ଅବ୍ୟବସ୍ଥା ଆଡୁ ଦେଖି ଶୋଷିତ ବୋଲି ପ୍ରତିପାଦିତ କଲା ତ ଆଉ କିଏ ତା' ସହ ଭାବପ୍ରବଣତା ଯୋଡି ଦେଇ ତାକୁ ପରିଣତ କରିଦେଲା ସିନେମାର ଗୀତ କେଇ ଧାଡିରେ। ସତେ ଯେମିତି ସେ ଡାକୁଛି , "ମୁଁ ରିକ୍ସାବାଲା... ଆସ ବାବୁ...ଏସୋ.. ଦାଦା..ହୋ ଲାଲା ...।" ସେ ପୁଣି ଗାଡି ସହିତ ନିଜକୁ ଏକାତ୍ମ କରେ । ନିଜ ରିକ୍ସାକୁ ତୋଫାନ ମେଲ୍‌ର କାମ ସହ ମିଳାଏ । ବାବୁମାନଙ୍କୁ ବସେଇଲା ପରେ ତା'ର ନିଃଶ୍ୱାସ ଛୁଟେ । ସେଥିରେ ସେ ଦର୍ଶେଇ ପାରେ ତା' ଆଖିର ସୀମିତ ଓ ସ୍ତିମିତ ସ୍ୱପ୍ନ, ବଞ୍ଚିବାର ଦର୍ଶନ । ତା' ମୁହଁରେ ଗୌରବବୋଧ ତିଆରି କରି କୁହାଯାଏ ଯେ ମେହେନତର ଶୁଖିଲା ରୁଟି ବରଂ ଭଲ ହେଲେ ବିନା ଶ୍ରମରେ ମଲାଇ କ୍ଷତିକାରକ । ରିକ୍ସାବାଲାଙ୍କ ସହ ସର୍ଜନାର ଭାବାବେଗ କିପରି ଜଡ଼ିତ ସେ ସମ୍ପର୍କରେ **ବିଖ୍ୟାତ ଚିତ୍ରଶିଳ୍ପୀ କେଶୁ ଦାସ** କୁହନ୍ତି, କଲେଜରେ ପଢୁଥିଲା ବେଳେ ରିକ୍ସା ଓ ରିକ୍ସାବାଲାଙ୍କ ସ୍କେଚ୍ ସିନା ଅଭ୍ୟାସ କରୁଥିଲୁ, କିନ୍ତୁ ସେତେବେଳେ ସେମାନଙ୍କ ମୁହଁରେ ଯନ୍ତ୍ରଣା ଦେଖି କଷ୍ଟ ଲାଗୁଥିଲା । ଓଡ଼ିଶାରେ ଚିତ୍ରଶିଳ୍ପୀମାନେ ରିକ୍ସାଚାଳକଙ୍କୁ ନେଇ ବହୁତ କମ୍ ଚିତ୍ର କରିଛନ୍ତି । ବଙ୍ଗଳା ଶିଳ୍ପୀମାନଙ୍କର ଏହି ସମ୍ପର୍କିତ ଚିତ୍ର ଅଧିକ ରହିଛି। ବିଶିଷ୍ଟ ନାଟ୍ୟକାର, ଘୋଷକ, ସ୍ତମ୍ଭକାର, ପ୍ରାଧ୍ୟାପକ **ରମାକାନ୍ତ ମିଶ୍ର**ଙ୍କ ମତ ବି ଅନୁରୂପ, ରିକ୍ସାବାଲାର ଝାଳ ( ଋତୁ ନିର୍ବିଶେଷରେ ) ବସିବା ଲୋକର ଆଖିକି ଦିଶେ । ତା'ର ଭାଇ ତାକୁ ପହଣ୍ଡି କରି ନେଉଛି ବୋଲି ଭାବେ । ସେ ତାଙ୍କ ଗାଁର ରୁଷିଆ ନାମଧେୟ ରିକ୍ସାବାଲାକୁ ମନେ ପକେଇ କୁହନ୍ତି, 'ସେ ଆମ ଘରର ନାଗୁଆ ରିକ୍ସାବାଲା ଥିଲା– ଆମ ଘରର ମଣିଷ ପରି, ବେଉସା ଥିଲା, ଭାବ ବି ଥିଲା । ଆଜି ଅବଶ୍ୟ ସେ ସମୟ ନାହିଁ। ଓଲା, ଓବେର ଯୁଗରେ ରିକ୍ସା →








ଆଜି ହଜିବାକୁ ବସିଲାଣି ସତ, ହେଲେ କହିବାକୁଗଲେ ରିକ୍ସା ଗୋଟେ ମିଠା ମହକବୋଳା ପୁରୁଣା ସିନେମା ହେବାବେଳେ ଅଟୋ କି ଟ୍ୟାକ୍ସି ଦମ୍‌ଦାର ଆକ୍ସନ ମୁଭି ପରି । ବଡ଼ ଯାନ୍ତ୍ରିକ ଓ ହିସାବକରା ସେହିମାନଙ୍କ ସ୍ଥିତି । ତଥାପି ବି ରିକ୍ସା ରହିଥିବ ପାଲା, ଦାସକାଠିଆ ଭଳି ସାଂସ୍କୃତିକ ପରିଚୟ ନେଇ । ରିକ୍ସାକୁ ନେଇ ନିଜ ଅନୁଭବ ବାଣ୍ଟନ୍ତି ନୃସିଂହ ଚରଣ ସାହୁ ଓରଫ ଆମର ପ୍ରିୟ **ଜହୁରୀ ଭାଇ।** ରିକ୍ସାବାଲାଙ୍କ ସହ ଥିବା ତାଙ୍କ ଭାବଗତ ସମ୍ପର୍କକୁ ନେଇ ସେ ଟିକିଏ ଗମ୍ଭୀର ହୋଇ କୁହନ୍ତି, ପ୍ରଜାତନ୍ତ୍ର 'ମୀନାବଜାର'ର ଜହୁରୀ ଭାଇ ଦାୟିତ୍ୱଗ୍ରହଣ କରିବା ପରେ ମୋର ଦାୟିତ୍ୱ ଥିଲା ସମଗ୍ର ଓଡ଼ିଶାର ପ୍ରତିଭାମାନଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଷ୍ଟୁଡିଓ ଯାଏ ଆଣିବା, ତାଙ୍କୁ ପ୍ରସ୍ତୁତ କରେଇବା । ଏସବୁ କାମ ଭିତରେ ମୋ ପାଇଁ ଯୋଗାଯୋଗର ବଳିଷ୍ଠ ମାଧ୍ୟମ ହୋଇଥିଲା ରିକ୍ସା । ବାଉନ ବଜାର ତେପନ ଗଳିକୁ ଚିହ୍ନିଥାଏ ରିକ୍ସାବାଲା । ଥରକରେ ତା' ସ୍ମରଣରେ ରହିଯାଇଥାଏ ଠିକଣା । ଯେମିତି ଚିହ୍ନା ହୋଇଯାଇଥାଏ ସେ ନିଜେ । ଏମିତି ବି ହୋଇଛି ରିକ୍ସାରେ ବସି କିଛି କହିବା ପୂର୍ବରୁ ସେ ଠିକଣା ଜାଗାକୁ ନେଇ ପହଞ୍ଚାଇ ଦେଇଥାଏ । ଘରଲୋକ ଭଳି ନିଜର ନିଜର ଲାଗୁଥିବା ଏହି ରିକ୍ସାବାଲା ଅନେକ ସମୟରେ ସୁବିଧା ଅସୁବିଧାରେ ଖାଇବା ଜିନିଷ ସହ ଔଷଧପତ୍ର ଭଳି ଅତ୍ୟାବଶ୍ୟକ ଜିନିଷ ଧରି ଆସି ଠିଆ ହୁଏ । ବନ୍ଧୁବାନ୍ଧବଙ୍କୁ ଭେଟିବା, ସଭାସମିତିକୁ ଯିବା, କାର୍ଯ୍ୟକ୍ରମରେ ଭାଗ ନେବାକୁ ଥିବା ପିଲାଙ୍କୁ ନେବାଆଣିବା କାମ ସବୁ କେମିତି ସେ ସହଜରେ କରିଦିଏ ଏବେ ବି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଅଟୋ ଆସିଲା ସତ ହେଲେ ରିକ୍ସାବାଲାର ବିକଳ୍ପ କ'ଣ ହେଇପାରିଲା ? ଛକ ପାଖରେ ଛାଡିଦିଏ ସେୟାର ଅଟୋ । ଭଲ ମନ୍ଦ କଥା ହେବାକୁ, ଜୀବନ କଥା ବାଣ୍ଟି ନେବାକୁ ତା'ର ବା ବେଳ କାଇଁ । କାଁ ଭାଁ ଅଟୋବାଲା ନିଜର ହୁଅନ୍ତି । ଅଟୋବାଲାଙ୍କ ସହ ପ୍ରତିଯୋଗିତା କରିବାକୁ ସାହସ ଜୁଟେଇ ପାରିଲେ ନାହିଁ ହୁଏତ ରିକ୍ସାବାଲା । ଦୌଡୁଥିବା ସଭ୍ୟତା ଏବଂ ଚାକଚକ୍ୟକୁ ଦେଖି ଯୁଦ୍ଧବିରତି ଘୋଷଣା କରି ପକେଇଲେ । ଓଲା ଗାଡିର ସମୟରେ ଏବେ ସୁଦ୍ଧା ରିକ୍ସାବାଲାକୁ ଖୋଜୁଥାଏ ମୁଁ । ପରିଣତ ବୟସରେ ଏକୁଟିଆ ମୋ ଆଗ୍ରହ ଅନୁଯାୟୀ ସାହିତ୍ୟ କାର୍ଯ୍ୟକ୍ରମକୁ ଘରୁ ଯାଇପାରେ ନାହିଁ । ଜହୁରୀ ଭାଇଙ୍କ ପରି ଅବସରପ୍ରାପ୍ତ ଅଧ୍ୟାପକ **ଗଦାଧର ମିଶ୍ର**ଙ୍କର ଅନୁଭୂତି ମଧ୍ୟ ସେଇକଥା କୁହେ। ସେ କୁହନ୍ତି '୧୯୭୯ ମସିହାରେ କଟକ ରେଭେନ୍ସାରେ ଓଡ଼ିଆ ପିଜିରେ ନାଁ ଲେଖେଇ କଟକ ସଂସ୍କୃତିର ଏକ ଅଂଶ ହୋଇଯାଇଥିଲି । 'ଯୁଆଡେ ଯାଅ, ରିକ୍ସା ନେଇଯାଅ । କଟକରେ କବିତା, ରିକ୍ସା ଓ ଆକାଶବାଣୀ ମୋର ବହୁପରିଚିତ ଥିଲା । ଆକାଶବାଣୀକୁ ଓଏମ୍‌ପି କିମ୍ବା କଲେଜଛକରୁ ଅଢେଇଟଙ୍କାରୁ ତିନିଟଙ୍କା ଥିଲା । ଅନେକଥର ରିକ୍ସାରେ କାଁଭାଁ ଯାଉଥିଲେ ବି ବଡ଼ମ୍ବା ଅଞ୍ଚଳର ଜଣେ ରିକ୍ସାବାଲା କଥା ଏବେବି ମନେପଡେ । ଭାରି ଦରଦୀ । ପଇସା କମ୍ ନିଏ, ସେ ଜାଣେ ଆମେ ଗରିବ ପିଲା । କେଉଁଠି ଅଧାରେଟରେ ଭଲ ବହି ମିଳେ, କେଉଁଠି କମ୍ ପଇସାରେ ଭଲ ଜଳଖିଆ ମିଳେ ସେଠାକୁ ସେ ନେଇଯାଏ । ବେଳେ ବେଳେ ତାକୁ ଖୁସିରେ ପାଖରେ ଥିଲେ ପଚାଶପଇସା ଅଧିକ ଦିଏ । ବକ୍ସିବଜାରରୁ ଚଣ୍ଡୀମନ୍ଦିର ଆସିବାବେଳେ ହଠାତ୍ ସେ ମତେ ଗୋଟେ ଚା ଦୋକାନକୁ ଚାହିଁବାକୁ କହିଲା । କାରଣ ସେ ସେତେବେଳେ ଦେଖିଦେଇଥିଲା ଦୋକାନରେ ମହାନ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ବସିଛନ୍ତି ବୋଲି । ମୋ ଜୀବନରେ ସର୍ବପ୍ରଥମ ମୁଁ ସଙ୍ଗୀତ ବାଦଶାହା ଅକ୍ଷୟ ମହାନ୍ତିଙ୍କୁ ମନଭରି ଦେଖିଲି । ହିପ୍ପିଷ୍ଟାଇଲରେ କାନ ତଳକୁ ମୁଣ୍ଡର ବାଳ ଝୁଲିଥାଏ । ବେଲବଟମ ପ୍ୟାଣ୍ଟ, ଶାର୍ଟ ଇନ୍ କରିଥାନ୍ତି । ସେଇ ଦୁଇତିନି ମିନିଟରେ ମୋ ଆତ୍ମାକୁ ଯେମିତି ଶାନ୍ତି ମିଳିଗଲା । ତାକୁ ସବୁ ମାଲୁମ ଥାଏ । କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଆତ୍ମଜୀବନୀ ଲେଖିଲା ବେଳେ, ମୋ ସାର୍ ଅସିତକବିଙ୍କ ସହିତ ସେହି ବଡ଼ମ୍ବା ରିକ୍ସାବାଲା ସହିତ ମୁଁ କାଳିନ୍ଦୀ ବାବୁ, ଗ୍ରନ୍ଥମନ୍ଦିର ଓ ଭାନୁଜିରାଓ ତଥା ଉପେନ୍ଦ୍ର ମହାପାତ୍ରଙ୍କ ଘରକୁ ଅନେକଥର ଯାଇଛି । ଆଜିଯାଏ ସେହି ରିକ୍ସାବାଲାର ସ୍ମୃତି ମୋ ମନରେ ଅଛି । ସେତେବେଳେ ଆମ ଓଡ଼ିଆ ପିଜି ଡିପାର୍ଟମେଣ୍ଟକୁ କେତେକ ସେମିନାରରେ ସଚ୍ଚି ରାଉତରାୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ସାହିତ୍ୟିକ ଓ ଐତିହାସିକମାନେ ରିକ୍ସାରେ ଆସିବା ଏବେ ବି ମନେଅଛି । ସତରେ ରିକ୍ସାରେ ବସିପଡିଲେ ମତେ ଲାଗେ ମୁଁ ଯେମିତି ସ୍ୱର୍ଗରେ ବସିଛି । ଏହି ରିକ୍ସାରେ ବସି ଅନେକ ଜ୍ଞାନୀଗୁଣି ବିଶିଷ୍ଟ ବ୍ୟକ୍ତିଙ୍କର ସାକ୍ଷାତ୍‌କାର ନେଇଛି । ଯାହା 'ଡାକତ' ପତ୍ରିକାରେ ବାହାରିଥିଲା । ଖୁବ୍ ସ୍ମରଣୀୟ ସେହି ସବୁ ରିକ୍ସାବାଲାଙ୍କ ସହ ସାହିତ୍ୟର ସମୟ । ରିକ୍ସା ସହ ନିଜର ଅନୁଭୂତିକୁ ନେଇ ଲେଖକ ଓ ସାମାଜୀକ କର୍ମୀ **ଡ. ଗୋବିନ୍ଦ ଭୂୟାଁ** କୁହନ୍ତି, '୧୯୭୭ ମସିହାରେ କଟକର ରେଭେନ୍ସାରେ ଏମ୍‌ଏ ପାଠ ପଢିବାକୁ ଆସିଥିବାବେଳେ ରିକ୍ସା ହିଁ ଥିଲା ସେହି ସମୟରେ ସାଧାରଣ ଲୋକଙ୍କ ଚଳଣି ପାଇଁ ଏକମାତ୍ର ଯାତାୟାତର ମାଧ୍ୟମ । ସେ ସମୟରେ ରାସ୍ତା ଏତେ ଗହଳି ନ ଥିଲା ଏବଂ ରିକ୍ସାରେ ବସି ଆମେ ଆମ ଯାତ୍ରାକୁ ଖୁବ୍ ଉପଭୋଗ କରୁଥିଲୁ । ରିକ୍ସାବାଲାଙ୍କ ସହ ଭାବବିନିମୟ ହେଉଥିଲା । ଯେତିକି ଲମ୍ବା ହେଉଥିଲା ଯାତ୍ରା ସେତିକି ବଢୁଥିଲା ଦୁଃଖସୁଖ । କଠୋର ପରିଶ୍ରମର ଝାଳ ବୁହାଇ କିଭଳି ପରିବାର ପ୍ରତିପୋଷଣ କରାଯାଏ ତା'ର ଜ୍ୱଳନ୍ତ ଉଦାହରଣ ହୋଇ ଆମ ପାଖରେ ଠିଆ ହେଉଥିଲେ ରିକ୍ସାବାଲା । ସେମାନଙ୍କ ପାରିବାରିକ ଜୀବନ ଶୁଣି ଆମ ଭିତରେ ସମବେଦନା, ସମ୍ବେଦନା ତିଆରି ହେଉଥିଲା । ଲେଖାର ଦାନା ବାନ୍ଧୁଥିଲା । ସେବେଠାରୁ ଏହି ଭିତରେ ପ୍ରାୟ ୪୫ ବର୍ଷର ଅବଧି । ରିକ୍ସାର ବ୍ୟବହାର କମିଛି । ଯାନବାହନ ବଢିଛି । ଓଲା, ଉବେର ଆସି ରିକ୍ସାର ସ୍ଥାନ ନେଇଛି । ଦ୍ରୁତ ଗତି ପାଇଁ ଲୋକେ ଅଟୋ, କାର୍‌କୁ ଅଗ୍ରାଧିକାର ଦେବା କାରଣରୁ ରିକ୍ସା ସଂସ୍କୃତି ଧୀରେଧୀରେ କମି ଯାଉଛି । ସେମାନେ ସବୁ ଅନ୍ୟ ଦିଗକୁ ମୁହଁ ଫେରେଇ ନେଉଛନ୍ତି । ନେବା ବି ସ୍ୱାଭାବିକ । ସେହିଦିନର କିନ୍ତୁ ସେହି ରିକ୍ସାର ସ୍ମୃତି ଆମ ଭିତରେ ମିଠା ଅନୁଭୂତି ହୋଇରହିଛି । ସତ କହିଲେ ସଭ୍ୟତାର ଦୌଡ଼ରେ ହୁଏତ ଦିନେ କେବେ ରିକ୍ସାର ଅସ୍ତିତ୍ୱ ଲୋପ ପାଇଯିବ । ଏପରି ଏକ ବାହନ ଥିଲା ବୋଲି ଲୋକେ ହୁଏତ ଭୁଲିଯିବେ, ହେଲେ ଜନଗଣର ଅବଚେତନର ଅନ୍ଧାରିକୋଣରେ ରିକ୍ସାବାଲାର ଛବି ଥିବ ଅମଳିନ ।


**–ମାନମୟୀ ରଥ,** ମୋ:୭୯୭୮୫୭୯୩୯୯

**ଫଟୋ: ରାଜ କିଶୋର ମହାନ୍ତି,** କଟକ


ଗୋବିନ୍ଦ ଭୂୟାଁ


ନୃସିଂହ ଚରଣ ସାହୁ ଓରଫ ଜହୁରୀ ଭାଇ


ଗଦାଧର ମିଶ୍ର


କେଶୁ ଦାସ


ରମାକାନ୍ତ ମିଶ୍ର





# ନିଜ ନାଁ ଓ ସାଙ୍ଗିଆ ନିଜେ ବାଛିଥିଲି

ଓଲିଉଡ୍ ଇଣ୍ଡଷ୍ଟ୍ରୀର ସେ ଆକ୍ସନ ହିରୋ। ପ୍ରଥମ ଚଳଚ୍ଚିତ୍ରରେ ହିଁ ବଳିଷ୍ଠ ଅଭିନୟ ପାଇଁ ପାଇଥିଲେ ରାଜ୍ୟ ପୁରସ୍କାର। ଏହାବାଦ୍ ସେ ଜଣେ ସମାଜସେବୀ, ରାଜନେତା ବି। ଲୋକେ ତାଙ୍କୁ ତାଙ୍କ ଅଭିନୟ ପାଇଁ ଯେତିକି ଭଲ ପାଆନ୍ତି ତା'ଠୁ ବେଶି ଭଲ ପାଆନ୍ତି ତାଙ୍କ ପରୋପକାରୀ ଗୁଣ ଓ ଉତ୍ତମ ସ୍ୱଭାବ ପାଇଁ। କହିବାକୁଗଲେ ସେ ଜଣେ କୁଲ୍ ମ୍ୟାନ୍। ଆଉ ଓଡିଆ ଚଳଚ୍ଚିତ୍ର ଜଗତର ଜେଣ୍ଟଲମ୍ୟାନ୍। ସେ ହେଉଛନ୍ତି ହ୍ୟାଣ୍ଡସମ୍ ହିରୋ ଆକାଶ ଦାସ ନାୟକ...



**ପିଲାଦିନ ଓ ବହିପଢା:** ପିଲାଦିନେ ମୁଁ ବେଶ୍ ଶାନ୍ତ ଓ ଚୁପ୍‌ଚାପ ସ୍ୱଭାବର ଥିଲି। ପାଠପଢା ଅପେକ୍ଷା ମତେ ବିଭିନ୍ନ ପ୍ରକାରର ବହି ପଢିବାକୁ ବହୁତ ଭଲ ଲାଗୁଥିଲା। ଆଉ ଖୁବ୍ କମ ବୟସରେ ମୁଁ ରାମାୟଣ ମହାଭାରତଠାରୁ ଆରମ୍ଭ କରି ଦେଶ ବିଦେଶର ଅନେକ ବଡ ବଡ ଲେଖକ ଯେମିତିକି ଲିଓ ଟଲଷ୍ଟୟ, ଶରତ ଚନ୍ଦ୍ର ଚଟୋପାଧ୍ୟାୟଙ୍କର ବହି ପଢି ଦେଇଥିଲି। ଗୋଟେ ଗୋଟେ ରାତିରେ ମୁଁ ବଡ ବଡ ଉପନ୍ୟାସ ପଢି ସାରିଦେଉଥିଲି। ଏଇ ବହି ପଢାରୁ ମୁଁ ଅନେକ କିଛି ଶିଖିଛି, ଯାହା ଏବେ ବି ମୋ କାମରେ ଲାଗୁଛି।

**ଅଭିନେତା ନୁହେଁ ହେଇଥାନ୍ତି ସାମ୍ବାଦିକ:** ବହି ପଢିବା ବ୍ୟତିତ ଛୋଟବେଳୁ ମତେ ଫିଲ୍ମ ଦେଖିବାକୁ ବି ଭଲ ଲାଗୁଥିଲା। ହେଲେ କେବେ ଭାବି ନ ଥିଲି ମୁଁ ବି ଦିନେ ପରଦା ଉପରକୁ ଆସିବି। ବଡ ହେବା ପରେ ବିଏ ଏଲ.ଏଲ୍.ବି. କଲି। ଏହାପରେ ମାସ୍ କମ୍ୟୁନିକେସନ୍‌ରେ ପିଜି ଡିପ୍ଲୋମା କରିବାଲାଗି ଦିଲ୍ଲୀ ଚାଲିଯାଇଥିଲି। ସେଠି ପଢିବା ସହ ମଡେଲିଂ ବି କଲି। ଆଉ ଯେବେ ଭୁବନେଶ୍ୱର ଫେରିଲି କିଛି ପ୍ରଡ୍ୟୁସର୍‌ଙ୍କ ଅଫର୍ ଆସିଲା। ପ୍ରଥମ ଚଳଚ୍ଚିତ୍ର 'କଳିଙ୍ଗପୁତ୍ର' ପାଇଁ ଅଡିସନ୍ ଦେଇ ସିଲେକ୍ଟ ହେଲି। ଆଉ ଏକ ରଫ୍ ଆଣ୍ଡ ଟଫ୍ ପୋଲିସ୍ ଅଫିସର୍ ଚରିତ୍ରରେ ଅଭିନୟ କଲି। ସେ ପର୍ଯ୍ୟନ୍ତ ବି ମୁଁ ଅଭିନୟକୁ କ୍ୟାରିୟର କରିବି ବୋଲି ଭାବି ନ ଥିଲି। ହେଲେ ଫିଲ୍ମଟି ଭଲ ସଫଳତା ପାଇଥିଲା। ଦର୍ଶକଙ୍କ ପ୍ରଚୁର ଭଲ ପାଇବା ସହ ଶ୍ରେଷ୍ଠ ଅଭିନେତାଭାବେ ରାଜ୍ୟ ପୁରସ୍କାର ବି ମିଳିଲା। ଏହାପରେ ଯାଇ ଅଭିନୟକୁ କ୍ୟାରିୟର କରିବି ବୋଲି ନିଷ୍ପତ୍ତି ନେଲି। ନଚେତ ଏହାପୂର୍ବରୁ ତ ମୁଁ ଜଣେ ସାମ୍ବାଦିକ ହେବି ବୋଲି ଭାବିଥିଲି।

**ସମାଜ ସେବା:** ସମାଜସେବା ମନୋଭାବ ବାପାମା'ଙ୍କଠାରୁ ଆସିଛି। ବିଶିଷ୍ଟ ଶ୍ରମିକ ନେତାଭାବେ ପରିଚିତ ମୋ ବାପା(ମାୟାଧର ନାୟକ) ସବୁବେଳେ ଗରିବ ଲୋକଙ୍କ ହକ୍ ପାଇଁ ଲଢୁଥିଲେ। ମା'(ଇନ୍ଦିରା ଦାସ) ବି ବାପାଙ୍କୁ ସହଯୋଗ କରୁଥିଲେ। ସେଇ ସବୁ ଦେଖି ଦେଖି ମୋ ମନରେ ମଧ୍ୟ ସମାଜ ପାଇଁ କିଛି କରିବାର ଇଚ୍ଛା ସ୍ୱତଃ ଜାଗ୍ରତ ହେଇଛି। ତା'ଛଡା ମୁଁ ଭାବେ ଭଲ କଳାକାର ହେବା ପାଇଁ ପ୍ରଥମେ ଜଣେ ଭଲ ମଣିଷ ହେବା ଦରକାର। ତେଣୁ ସବୁବେଳେ ଅନ୍ୟ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରେ।

**ନେତା ଓ ଅଭିନେତା, ଉଭୟରୁ ମିଳେ ଭିନ୍ନ ପ୍ରକାରର ଖୁସି:** ପରଦା ଉପରେ ଯେତେବେଳେ ଦର୍ଶକ ମତେ ଦେଖି ହସନ୍ତି, କାନ୍ଦନ୍ତି, ତାଳି ମାରନ୍ତି, ପ୍ରଶଂସା କରନ୍ତି ତା'ର ଖୁସି ଅଲଗା। ଆଉ ନେତାଭାବେ ମୁଁ ଯେତେବେଳେ ନିଜ ଅଞ୍ଚଳରେ ରାସ୍ତା ତିଆରି କରେ, ବ୍ରିଜ୍ ନିର୍ମାଣ କରେ, ପାନୀୟ ଜଳର ବ୍ୟବସ୍ଥା, ଶିକ୍ଷାସ୍ୱାସ୍ଥ୍ୟର ଉନ୍ନତି ପାଇଁ କାମ କରେ, କିଏ ମତେ ପୁଅ ତ କିଏ ଭାଇ ପରି ସ୍ନେହ ଦିଅନ୍ତି। ସେଥିରୁ ବି ଏକ ଭିନ୍ନ ଆନନ୍ଦ ଓ ଆତ୍ମତୃପ୍ତି ମିଳେ।



**ସ୍ତ୍ରୀ ବହୁତ ଅଣ୍ଡରଷ୍ଟାଣ୍ଡିଂ:** ମୋ ପରିବାର କହିଲେ ବାପା, ମା', ସ୍ତ୍ରୀ ଓ ଦୁଇ ପୁଅ। ମୋ ସ୍ତ୍ରୀ ବହୁତ ଅଣ୍ଡରଷ୍ଟାଣ୍ଡିଂ। ମୁଁ ଘରକୁ ବେଶି ସମୟ ଦେଇ ପାରେନି। ହେଲେ ସେ କେବେ ଏଥିପାଇଁ ଅଭିଯୋଗ କରନ୍ତି ନାହିଁ। ପରିବାରକୁ ଏକା ସମ୍ଭାଳି ନିଅନ୍ତି। ତାଙ୍କର ବି ସମାଜସେବାରେ ବେଶ୍ ଆଗ୍ରହ ରହିଛି। ତେଣୁ ଆମ ଚାରିଟେବୁଲ ଟ୍ରଷ୍ଟ କଥା ସେ ବୁଝନ୍ତି।

**ଫିଟ୍‌ନେସ୍ ସିକ୍ରେଟ୍:** ରେଗୁଲାର ଯୋଗ ସହ ସନ୍ତୁଳିତ ଖାଦ୍ୟ ଖାଏ। ସମୟ ମିଳିଲେ ଜିମ୍ ଯାଏ। ସବୁବେଳେ ସକାରାତ୍ମକ ରହିବାକୁ ଚେଷ୍ଟା କରେ।

**ପ୍ରିୟ ଖାଦ୍ୟ:** ମତେ ଇଲିସି ମାଛ ତରକାରୀ ବହୁତ ପସନ୍ଦ।



**ପ୍ରିୟ ବୁଲିବା ସ୍ଥାନ:** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସ୍ଥାନ ବୁଲିବାକୁ ମତେ ଭଲ ଲାଗେ।

**ଡ୍ରିମ୍ ରୋଲ:** 'ଦିୱାର' ଚଳଚ୍ଚିତ୍ରରେ ଅମିତାଭ ବଚ୍ଚନଙ୍କ ଚରିତ୍ର ଓ 'ଆନନ୍ଦ' ଚଳଚ୍ଚିତ୍ରରେ ରାଜେଶ ଖନ୍ନାଙ୍କ ଚରିତ୍ର ମତେ ବହୁତ ଭଲ ଲାଗେ।

**ଶୁଟିଂ ସେଟ୍‌ରେ:** କ୍ୟାରେକ୍ଟର ହିସାବରେ ମୁଁ ଶୁଟିଂ ସେଟ୍‌ରେ ରହେ। ଯଦି ସିରିୟସ୍ କ୍ୟାରେକ୍ଟର ଥାଏ ମୁଁ ବେଶି କଥା ହୁଏନା, ଚୁପ୍‌ଚାପ ରହେ। ଯଦି କ୍ୟାରେକ୍ଟର ଫନି ଥାଏ ତେବେ ଅନ୍ୟମାନଙ୍କ ସହ ମିଶେ, କଥା ହୁଏ ଓ ଅନ୍ୟକୁ କମ୍ଫର୍ଟେବୁଲ କରିବାକୁ ଚେଷ୍ଟା କରେ। ନୂଆ କଳାକାରଙ୍କୁ ବି ସହଜ କରିବାକୁ ଚେଷ୍ଟା କରେ।

**ଅବସରରେ:** ଫ୍ରି ଟାଇମ୍ ତ ବହୁତ କମ୍ ମିଳେ। ତେଣୁ ଏଇ ସମୟକୁ ମୁଁ ପରିବାର ସହ ବିତେଇବାକୁ ପସନ୍ଦ କରେ। ଆଉ ଯଦି କିଛି ସମୟ ମିଳେ ବହି ପଢିବା, ଫିଲ୍ମ ଦେଖିବାକୁ ଭଲ ପାଏ।

**ଅଭିନୟ ମୋ ଜୀବନ:** ରାଜନୀତିକୁ ଆସିବା ପରେ ଫିଲ୍ମକୁ ଏତେ ସମୟ ଦେଇ ହେଉନି। ହେଲେ ଅଭିନୟ ମୋ ଜୀବନ, ତାକୁ କେବେ ଛାଡି ପାରିବି ନାହିଁ। ଏହା ମୋତେ ଆତ୍ମତୃପ୍ତି ଦିଏ।

–ଶିବାନୀ ମହାନ୍ତି



## ନିଜ ନାଁ ଓ ସାଙ୍ଗିଆ ନିଜେ ବାଛିଥିଲି


ମତେ ଯେତେବେଳେ ୫ ବର୍ଷ ବୟସ ହେଇଥିଲା ବାପା ଦିନେ ମତେ ସ୍କୁଲକୁ ନାଁ ଲେଖେଇବା ପାଇଁ ନେଇକି ଯାଇଥିଲେ। ସେଠି ସେ ଆୟୁଷ୍ମାନ, ବାଦଲ, ଅଂଶୁମାନ, ଆକାଶ ପରି କିଛି ନାଁର ଅପ୍ସନ ଦେଇ କହିଥିଲେ– ତୋର ତ ଭଲ ନାଁ ଦିଆଯାଇନି। ସମସ୍ତେ ଗେହ୍ଲାରେ 'ଲାଲ୍‌ଟୁ' ବୋଲି ଡାକୁଛନ୍ତି। ୟା' ଭିତରୁ ଗୋଟେ ନାଁ ବାଛେ, ଭଲ ନାଁ ଦେବା ପାଇଁ। ମୁଁ ଭାବିଲି ଆକାଶ ହେଉଛି ସବୁଠୁ ବଡ଼। ତା' ଭିତରେ ସୂର୍ଯ୍ୟ, ଚନ୍ଦ୍ର, ତାରା ସବୁକିଛି ଅଛି। ସେଥିପାଇଁ ମୁଁ ମୋ ନାଁ ଆକାଶ ବାଛିଥିଲି। ତା'ପରେ ମତେ ପଚାରିଲେ ଟାଇଟଲ୍ କ'ଣ ଦିଆଯିବ? ବାପାଙ୍କ ସାଙ୍ଗିଆ 'ନାୟକ' ଓ ମା'ଙ୍କର 'ଦାସ' ଥିଲା। କାହାର ଜଣଙ୍କର ସାଙ୍ଗିଆ ବାଛିଲେ କାଳେ ଅନ୍ୟ ଜଣେ ମନ ଦୁଃଖ କରିବେ, ସେଥିପାଇଁ ମୁଁ ଉଭୟ ସାଙ୍ଗିଆକୁ ନିଜ ନାମ ସହ ଯୋଡି ଦେଇଥିଲି।

## ଜୀବନର ସବୁଠୁ ସୁଃଖଦ ମୁହୂର୍ତ୍ତ

ମୋ ମତରେ ଜୀବନର ପ୍ରତ୍ୟେକ ଦିନର ପ୍ରତି ମୁହୂର୍ତ୍ତ ସୁନ୍ଦର। ତେଣୁ ପ୍ରତି ମୁହୂର୍ତ୍ତକୁ ଖୁସିରେ ରହିବାକୁ ଚେଷ୍ଟା କରିବା ଉଚିତ। କାରଣ ଏଇ ମୁହୂର୍ତ୍ତ ଚାଲିଗଲେ ଆଉ ଫେରିବ ନାହିଁ।

## ସବୁଠୁ ଦୁଃଖଦ ସମୟ

ଯେତେବେଳେ ମୋ ମାଉସୀ ଅନୀତା ଦାସ ଚାଲିଗଲେ ସେଇ ସମୟ ମୋ ଜୀବନର ସବୁଠୁ ଦୁଃଖଦାୟକ ଥିଲା। ସେ ମତେ ନିଜ ପୁଅ ପରି ଭଲ ପାଉଥିଲେ। ସେ ବହୁତ ଈଶ୍ୱର ବିଶ୍ୱାସୀ ଥିଲେ। ମୋର ମନେ ଅଛି ମୋ ପିଲାଦିନର ଏକ ଫଟୋକୁ ସେ ରାମାୟଣ ବହି ଭିତରେ ରଖୁଥିଲେ। ଏପରି ସେ କ'ଣ ପାଇଁ କରୁଥିଲେ ମୁଁ ଜାଣିନି। ହେଲେ ମାଉସୀ ସବୁବେଳେ କହୁଥିଲେ ମୁଁ ପ୍ରଭୁ ଶ୍ରୀରାମଙ୍କ ପରି ହୁଏ ବୋଲି।









# ନାଟକ ମୋ ପାଇଁ ସୁଖ, ଦୁଃଖର ସଂସାର

ନାଟକକୁ ଏକ ସାମାଜିକ ଦାୟିତ୍ୱ ମନେକରି ଦୀର୍ଘ ୬ଦଶନ୍ଧି ଧରି ସେ ତାଙ୍କର ସାଧନାକୁ ଜାରି ରଖିଛନ୍ତି। ଏଥିପାଇଁ ଶତାଧିକ ନାଟକରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦେଇସାରିଲେଣି। ଚଳଚ୍ଚିତ୍ର ଏବଂ କେତେକ ଟିଭି ଧାରାବାହିକରେ ମଧ୍ୟ ତାଙ୍କ ଅଭିନୟର ସ୍ୱତନ୍ତ୍ରତା ବେଶ୍ ବାରି ହୋଇପଡ଼େ। ଏଥିପାଇଁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସମେତ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ସେ ହେଲେ ବର୍ଷିୟାନ ନାଟ୍ୟ ନିର୍ଦ୍ଦେଶକ ରାଜକିଶୋର ପାଢ଼ୀ ଓରଫ ରାଜୁ ପାଢ଼ୀ। ଜନ୍ମ ୧୬।୪।୧୯୫୧ ମସିହାରେ। ପିତା- ଶ୍ୟାମସୁନ୍ଦର ପାଢ଼ୀ, ମାତା-ସତ୍ୟଭାମା ପାଢ଼ୀ। ଘର ଗଞ୍ଜାମ ଜିଲାର ବ୍ରହ୍ମପୁରରେ। ସେ କୁହନ୍ତି, ମୋର ଛାତ୍ର ଜୀବନରୁ ନାଟକ ପ୍ରତି ପ୍ରବଳ ଆଗ୍ରହ ଥିଲା। ବଡ଼ଭାଇ ଗୌରଗୋପାଳ ପାଢ଼ୀ ଥିଲେ ଜଣେ ନାଟ୍ୟକଳାକାର। ତେଣୁ ପ୍ରେରଣାରେ ପ୍ରାୟ ୬ବର୍ଷରୁ ମଞ୍ଚନାଟକରେ ଅଭିନୟ କରିଥିଲି। ସେତେବେଳେ ଟିକିଟି ରାଜନଅରଠାରେ ଆୟୋଜିତ ଏକ ସାଂସ୍କୃତିକ ଉତ୍ସବରେ ଅନୁଷ୍ଠିତ ନାଟକ -ଭାରତମାତାରେ ପ୍ରଥମେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଅଭିନୟ ଯୋଗୁ ମୋତେ ସ୍ୱର୍ଣ୍ଣପଦକ ମିଳିଥିଲା। ସେବେଠାରୁ ଆଉ ପଛକୁ ଫେରିନାହିଁ। ବ୍ରହ୍ମପୁର ମ୍ୟୁନିସିପାଲ ହାଇସ୍କୁଲରେ ପଢୁଥିଲା ବେଳେ 'ପେଟୁ' ଓ 'ବାଣହରଣ' ଏକାଙ୍କିକାରେ ପୁଣି ଖଲ୍ଲିକୋଟ କଲେଜରେ ପଢ଼ିଲାବେଳେ 'ଗାନ୍ଧୀବାଦିର କାହାଣୀ', 'ପାଷାଣକାବ୍ୟ' ଆଦି ନାଟକରେ ଅଭିନୟ କରିଥିଲି। ୧୯୭୨ ମସିହାରେ ଖଲ୍ଲିକୋଟ କଲେଜରେ ପଢ଼ିଲାବେଳେ ନାଟ୍ୟ ସଂପାଦକ ଭାବେ ନିର୍ବାଚିତ ହେଲି। ସମୟକ୍ରମେ ଅଭିନୟ କରିବା ସହିତ ନିର୍ଦ୍ଦେଶନା ବି ଦେଲି। ପ୍ରଥମେ 'ଭଗବାନ ଉବାଚ' ନାଟକରେ ନିର୍ଦ୍ଦେଶନା ଦେଇଥିଲି। ଏହାପରେ 'କୁକୁରର ମୃତ୍ୟୁ', 'ବୋମା ଫୁଟିଛି' ଆଦି ନାଟକରେ ନିର୍ଦ୍ଦେଶନା ଦେଲି। ବ୍ରହ୍ମପୁରରେ ଆୟୋଜିତ ମନୋଆକ୍ସନ ଓ ଫ୍ୟାନ୍ସିଡ୍ରେସ ପ୍ରତିଯୋଗିତାରେ ପ୍ରାୟ ତିନିବର୍ଷ ଧରି ଲଗାତର ଶ୍ରେଷ୍ଠତ୍ୱ ହାସଲ କରିଥିଲି। ଅନ୍ୟପକ୍ଷେ ମଞ୍ଚରତ୍ନ ନାରାୟଣ ସାମଲଙ୍କ ନିର୍ଦ୍ଦେଶନାରେ 'ଆମେ ବଞ୍ଚିବୁ 'ନାଟକରେ ଅଭିନୟ କରିବା ବେଳେ ମଞ୍ଚରେ ପରଦାଟଣା ଶୈଳୀ ଶିଖିଲି। ୧୯୬୮ମସିହାରେ ଗଞ୍ଜାମ କଳାପରିଷଦ ସହ ପରିଚିତ ହୋଇ ଏକାଧିକ ନାଟକରେ ଅଭିନୟ ସହ ଓ ନିର୍ଦ୍ଦେଶନା ଦେଇସାରିଲାଣି। ଡ. ସୁରେନ୍ଦ୍ର ପ୍ରସାଦ ଦାସ, ବାଳକୃଷ୍ଣ ଦାସଙ୍କଠାରୁ ମଞ୍ଚ ନିର୍ଦ୍ଦେଶନାର ଗୂଢ଼ତତ୍ତ୍ୱକୁ ଜାଣିପାରିଥିଲି। ରେଭେନ୍ସାରେ ଭୂତତ୍ତ୍ୱରେ ସ୍ନାତକୋତ୍ତର ପଢୁଥିବା ସମୟରେ ନିର୍ଦ୍ଦେଶକ ହେମନ୍ତ ଦାସ, ଅନନ୍ତ ମହାପାତ୍ର, ଗୋବିନ୍ଦ ତେଜ, ବିଶ୍ୱଜିତ୍ ଦାସ ଓ ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କ ସହିତ ପରିଚିତ ହୋଇଥିଲି। ଏହାପରେ ନିଶିପଦ୍ମ ଓ ସମ୍ରାଟ ନାଟକରେ ଅଭିନୟ କରିଲି। କିନ୍ତୁ ରାଉରକେଲାରେ ଥିବାବେଳେ କଳିଙ୍ଗ କଳା ପରିଷଦରେ ଯୋଗଦେଇ ନାଟକ- ଦ୍ୱିତୀୟ ମୃତ୍ୟୁ, ତୃତୀୟ ପୃଥିବୀ, ରାମ ଶ୍ୟାମ ଯଦୁ ଆଦି ଏକାଧିକ ନାଟକରେ ଅଭିନୟ କରିଥିଲି। ଲଲାଟେନ୍ଦୁ ରଥଙ୍କଠାରୁ ବଙ୍ଗଳା ଓ ମରାଠୀ ଭାଷାର ନାଟକ ବିଷୟରେ ଜାଣିଲି। ଓଡ଼ିଶା କଲ୍‌ଚରାଲ ଏକାଡେମୀ ସହ ପରିଚୟ ହେବାରୁ ଏଠାରେ ଆୟୋଜିତ ହୋଇଥିବା ନାଟକୋତ୍ସବରେ ପ୍ରାୟ ୨୦ଟି ନାଟକରେ ନିର୍ଦ୍ଦେଶନା ଦେଇସାରିଛି। ପଞ୍ଚମବେଦ, ଗୋଇଠା ବାବା, ତଦନ୍ତ, ଅତିଥି, ସମ୍ପର୍କ, ଦେବଦାସୀ, ଆହତ ଆଦି ଅନେକ ଲୋକପ୍ରିୟ ନାଟକରେ ଅଭିନୟ କରିଛି। ସଂଗୀତ ନାଟକ ଏକାଡେମୀ ଉତ୍ସବରେ ନାଟକ- ରାକ୍ଷସ ଚରିତ୍ର, ନିଃସଙ୍ଗ ନାୟିକାରେ ନିର୍ଦ୍ଦେଶନା ଦେଇଛି। ଦୂରଦର୍ଶନରେ ପ୍ରସାରିତ ଟେଲିଫିଲ୍ମ- ଭୋକ, ଧୂସର ବନାନୀ, କଥାସରିତା, ଫଟା କପାଳ, ଗଣଚେତନା, ଲୋକ ଅଦାଲତ ଏବଂ ଟିଭି ଧାରାବାହିକ- ଗାଁ, ବାବୁ ବାଥରୁମରେ ଅଛନ୍ତି, ଭାବଗ୍ରାହୀ, ଜୀବନ ରଙ୍ଗ, ଶୁଭମ ସତାନବେ, ସାଧୁ ମେହେରଙ୍କ ନିର୍ଦ୍ଦେଶନାରେ ପ୍ରଥମ ଓଡ଼ିଆରେ ପିଲାଙ୍କ ଚଳଚ୍ଚିତ୍ର ବାବୁଲା,ଅଭିଳାଷ, ଅନୁରାଧା, ଧର୍ମଯୁଦ୍ଧ, ଘାଇଲା ବାଘ ପୁଣି ବଙ୍ଗଳା ଚଳଚ୍ଚିତ୍ର ଉଲ୍ଲାସ ଓ ହିନ୍ଦୀ ଚଳଚ୍ଚିତ୍ର ଦୋସ୍ତରେ ଅଭିନୟ କରିଛି। ଶତାବ୍ଦୀର କଳାକାର, ମନନ, ପଞ୍ଚମବେଦ, ରଙ୍ଗମଞ୍ଚ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିଭା ସମ୍ମାନ ମିଳିଛି। ସେହିପରି ପଦ୍ମବର୍ଣ୍ଣା, ନାଟ୍ୟଭୂଷଣ, କଳାହାଣ୍ଡି କଳାକାର, କଳିଙ୍ଗଜ୍ୟୋତି ସମ୍ମାନ ଏବଂ ଓଡ଼ିଶା ସଂଗୀତ ନାଟକ ସମ୍ମାନ- ୨୦୧୬ ଆଦି ଶତାଧିକ ପୁରସ୍କାର ଓ ସମ୍ମାନ ମିଳିସାରିଛି। ତେବେ ନାଟକଟିଏ ନିର୍ଦ୍ଦେଶନା ଦେବାବେଳେ- ନାଟକରେ ଚରିତ୍ରର ଅଭିନୟ, ବେଶଭୂଷା, ସଂଳାପ ଉଚ୍ଚାରଣ, ମୋମେଣ୍ଟ, ସଂଗୀତ, ମଞ୍ଚଶୈଳୀ, ଆଲୋକ, ମ୍ୟୁଜିକ୍ ଆଦି ବିଭିନ୍ନ ଦିଗପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। କିନ୍ତୁ ଅଭିନୟରେ ଆଙ୍ଗିକ, ବାଚିକ, ମୁଖ, ହାତ, ପାଦ ଆଦିର ଭାବଭଙ୍ଗୀ ଓ ଆଖିର ଠାଣି ପ୍ରତି ନଜର ଦେବାକୁ ହୁଏ। ନାଟକ ମଞ୍ଚସ୍ଥ ସମୟର ଗୋଟିଏ କଥା କେବେ ବି ଭୁଲି ହେବନି । ୧୯୭୮ମସିହାରେ ବ୍ରହ୍ମପୁରରେ ଏକ ନାଟକ ବାରବଧୂ ମଞ୍ଚସ୍ଥ ହେବାକୁ ଥାଏ। ହେଲେ ସେହି ଦିନ ହିଁ ମୋ ମା'ଙ୍କ ଦେହାନ୍ତ ଘଟିଲା। ଏମିତି ପରିସ୍ଥିତିରେ ମା'ଙ୍କ ଶବସତ୍କାର କାର୍ଯ୍ୟସାରିଲି। ତା'ପରେ ବଡ଼ଭାଇଙ୍କୁ କହି ସେଦିନ ସେହି ନାଟକରେ ଅଭିନୟ ପାଇଁ ଆସିଥିଲି। ଯେତେବେଳେ ପହଞ୍ଚିଲି ସେଠାରେ ଉପସ୍ଥିତ କଳାକାରମାନେ ମୋତେ ଦେଖି କାନ୍ଦୁଥିଲେ। କିନ୍ତୁ ଏହି ସମୟରେ ମନେ ପଡ଼ିଯାଉଥିଲା ମା' କହିଥିବା ପଦିଏ କଥା ତୁ କ'ଣ -ନାଟୁଆ! ଏହି କଥାଟି ମୋ ମନରେ ବାରମ୍ବାର ପ୍ରତିଧ୍ୱନି ସୃଷ୍ଟି କରୁଥିଲା। ତେବେ ମୋ ମା'ର ସେଇ ଅଭୁଲା କଥା ପଦକ ମୋତେ ନାଟୁଆଭାବେ ତିଆରି କରିଛି। ଏଥିଯୋଗୁ ସେଦିନ ନାଟ୍ୟମଞ୍ଚରେ ଅଭିନୟବେଳେ ମୋର ଗୋଟିଏ ଆଖିରେ ଲୁହ ଏବଂ ମନରେ ଅଭିନୟ କରୁଥିବା ଚରିତ୍ରର କୋହ ଏକକାର ହୋଇଯାଇଥିଲା ଏବଂ ସେଇ ନାଟକର ମଦ୍ୟପ ରାଜୁ ଚରିତ୍ରଟି ଜୀବନ୍ତ ହୋଇଯାଇଥିଲା। ଏମିତିରେ ପ୍ରାୟ ୪ଦିନ ଧରି ନାଟକ ମଞ୍ଚସ୍ଥ ହୋଇଥିଲା।

ଦର୍ଶକଙ୍କୁ ହସେଇ ମଜେଇ ଜୀବନକୁ ସର୍ବୋତ୍ତମ କରିବାର ପ୍ରଚେଷ୍ଟା ଏବେବି ଜାରି ରହିଛି। ଆଉ ନାଟକ ମୋ ପାଇଁ ସୁଖ, ଦୁଃଖର ସଂସାର।

**-ବନବିହାରୀ**








## ହାତ

-ମଧୁସୂଦନ ଦାଶ

ମୁଁ କାନ୍ଦୁନି
ହଣା ଖାଇବି
ବୋଲି।
ମୁଁ କାନ୍ଦୁଛି
ଏଇଥିପାଇଁ ଯେ
ଯେଉଁ ହାତ
ମୋତେ ହାଣିବା
କଥା
ସେ ହାତ
ହତିଆର
ଉଠାଇ
ପାରୁନି।

– ଅତିରିକ୍ତ ଶାସନ
ସଚିବ, ଜଙ୍ଗଲ ଓ ପରିବେଶ
ବିଭାଗ, ଭୁବନେଶ୍ୱର
ମୋ:୯୪୩୭୩୩୨୪୯୮

## ବାହନ

–ଶିବ ସୁନ୍ଦର ପାଣିଗ୍ରାହୀ

ସେଦିନ ଅଫିସରୁ ଫେରିବାବେଳେ ମୋଟର ଷ୍ଟାଣ୍ଡରେ ଅପ୍ରତ୍ୟାଶିତ ଭାବେ ତା'କୁ ଆବିଷ୍କାର କରି ମୁଁ ପ୍ରାୟ ଚମକି ଉଠିଲି। ଢେର୍ ଦିନ ପରେ ହଠାତ୍ ତା'ସହ ଯେ ମୋ'ର ଏମିତି ସାମ୍ନାସାମ୍ନି ହେବ ଏ କଥା ଥିଲା ମୋ କଳ୍ପନାର ବାହାରେ। ଅଫିସରେ ସାରାଦିନର ଖଟଣି ପରେ ଘରବାହୁଡ଼ା ସମୟର ଅବଶ୍ୟ କ୍ଲାନ୍ତପଣକୁ ଷ୍ଟାଣ୍ଡମାରି ଏକ ରୁଚିକର ଅବ୍ୟକ୍ତ ଆବେଗରେ ମୁଁ ତାକୁ ହିଁ ଚାହିଁ ରହିଲି କିଛି ସମୟ। ସିଏ ବି ନୀରବ, ନିର୍ବିକାର ହୋଇ ସେମିତି ଛିଡ଼ା ହୋଇଥାଏ। ସମୟର ଉତ୍ପୀଡ଼ନରେ ବୟସର କଳାଦାଗ ଅବଶ୍ୟ ତା' ଦେହରେ ଉକୁଟି ଉଠିଥିଲା ଅଥଚ ସେ ଠିକ୍ ତା'ପରି ହିଁ ଦେଖାଯାଉଥିଲା। ଅନେକ ଦିନ ତଳେ ସରାଗରେ ମୁଁ ଆଙ୍କି ଦେଇଥିବା ନାଲି ରଙ୍ଗର ସନ୍ତକଟେ ଏଯାବତ ଦାଉଦାଉ ହୋଇ ଝଟକୁଥିଲା ତା' କପାଳରେ। ଦୂରରୁ ମୋତେ ଦେଖିସାରି ଏକ ଅଭୂତପୂର୍ବ ଆନନ୍ଦରେ ସେ ଯେମିତି ଉଚ୍ଛନ୍ନ ହୋଇପଡୁଥିବା ଭଳି ପ୍ରତୀୟମାନ ହେଲା। ତା' ମୁହଁରେ ଯେମିତି ଆଙ୍କି ହୋଇପଡୁଥିଲା ଛଳନାରହିତ ଏକ ନିର୍ମଳ ଭାବାବେଗର ହସ। ତା' ସମ୍ମୋହନରେ ବିଗଳିତ ହେବା ପରିବର୍ତ୍ତେ ଭିନ୍ନ ଏକ ସଙ୍କୋଚପଣରେ ଏବେ ମୋର ବିଚଳିତ ହେବା ସ୍ୱାଭାବିକ ଥିଲା। ଏକ ନିର୍ମମ ଅକୃତଜ୍ଞତାର ଗ୍ଲାନିବୋଧରେ ମୁଁ କେମିତି ସାଙ୍କୁଡ଼ି ଯାଉଥିଲି। ଏକ ଅବିଚ୍ଛିନ୍ନ କ୍ଷୋଭ ଉବୁକି ଉଠୁଥିଲା ମୋ ଅଭ୍ୟନ୍ତରରୁ। ତଥାପି ତା' ପ୍ରତି ମୋ ମନରେ ସୃଷ୍ଟ ତତ୍ପରତା କିମ୍ବା ଉଦ୍ଦୀପନାକୁ କୌଣସି ମତେ ଚାପିରଖି ତାକୁ ଅଚିହ୍ନା ଆଖିରେ ଚାହିଁବା ଭଳି ମୋର କୃତ୍ରିମତା ଏବେ ଯେମିତି ଦମ୍ଭ ସାଉଁଟିବାକୁ ସଂଘର୍ଷ କରୁଥିଲା ମୋ ଭିତରେ। ସେଇଠି ତାକୁ ଆଉ ସେମିତି ଚାହିଁ ରହିବାର କୌଣସି କାରଣ ନଥିଲା ଅଥଚ ମୁଁ ଆଦୌ ମୁହଁ ଫେରେଇନେଇ ପାରୁ ନ ଥାଏ। ଏତିକି ବେଳକୁ ଏକ ପୂର୍ବରାଗର ପ୍ରଭଞ୍ଜନରେ ତାକୁ ଛୁଇଁ ମୋ ପର୍ଯ୍ୟନ୍ତ ପହଁରି ଆସୁଥିବା ସୁଖଦ ଓ ସାବଲୀଳ ସ୍ମୃତିସବୁ ମୋତେ କବଳିତ କରିସାରିଥିଲେ ଗୋଟାପଣେ। ବିଗତ ଦିନଗୁଡ଼ିକରେ ତା' ସହ ବିତାଇଥିବା ଗୋଟି ଗୋଟି ମୁହୂର୍ତ୍ତର ରୋମାଞ୍ଚମାନ ଏବେ ଯେମିତି ଫିଟି ଫିଟି ଯାଉଥାନ୍ତି ମୋ ସାମ୍ନାରେ। ଠିକ୍ ଏଇଭଳି ଏକ ପାର୍ବଣ ଋତୁରେ ସେ ମୋ ନିକଟକୁ ଚାଲି ଆସିଥିଲା ଆଶା ଓ ଭରସାର ପ୍ରତିଶ୍ରୁତି ପରି। ତା' ହାତଧରିବା ପରେ ହିଁ ହୁଏତ ଏକ ପରମ ପରିତୃପ୍ତିର ଉଚ୍ଛ୍ୱାସରେ ପ୍ରଥମଥର କରି ମୋ ମୁହଁରୁ ଉଛୁଳି ପଡ଼ିଥିଲା ଏକ ଗଭୀର ଆତ୍ମପ୍ରତ୍ୟୟର ହସ। ସେ ସମୟର ମୋର ତମାମ ଏକଲାପଣକୁ ଚିରି ଦୀର୍ଘ ପାଞ୍ଚବର୍ଷ କାଳ ଖୁବ୍ ନିଷ୍ଠାର ସହ ସେ ରହିଥିଲା ଖୁବ୍ ଅନ୍ତରଙ୍ଗ ସାଥିଟିଏ ପରି ।

ତଥାପି ମୋ ଉପରକୁ ନିକ୍ଷେପିତ ତା' ସରଳ ଓ ଅବେଗାପ୍ଲୁତ ଚାହାଣିର ସମ୍ମୋହନରେ ମୁଁ କେମିତି ଅସ୍ଥିର ହୋଇପଡୁଥିଲି। ଏମିତି ଲାଗୁଥାଏ ଯେମିତି ସେ ଏବେବି ମୋର। କେବଳ ମୋର ନିଜର! ପକ୍ଷୀପରି ନରମ ତାକୁ ଛୁଇଁବାର ଉତ୍ସୁକତାକୁ ମୁଁ ହୁଏତ ସମ୍ବରଣ କରିପାରିଲି ନାହିଁ। ତମାମ ସଂଶୟ ଓ ସଙ୍କୋଚପଣକୁ ଦୂରକୁ ଫୋପାଡ଼ି ଦୌଡ଼ିଗଲି ତା' ନିକଟକୁ। ମୋତେ ଅତି ନିକଟରେ ପାଇ ସେ ବି ଖୁସିରେ ଆତ୍ମହରା ହେଇପଡୁଥିବାର ଲକ୍ଷ୍ୟକଲି। ଢେର୍ ଦିନୁ ଭୋଗି ପାରି ନଥିବା ତା' ସାନ୍ନିଧ୍ୟର ଲାଳିତ୍ୟକୁ ପୁଣିଥରେ ଅନୁଭବିବାର ପ୍ରୟାସ ବେଳକୁ ତା' ମୁକୁଳା ପିଠି ଉପରେ ଅନ୍ୟକାହାର ଦସ୍ତଖତ ମୋର ପ୍ରବଳ ପ୍ରତିରୋଧ କଲା। ଗୋଟେ ଅଦୃଶ୍ୟ ପ୍ରତିବନ୍ଧକର ପ୍ରଚଣ୍ଡ ଆଘାତରେ ମୁଁ କ୍ଷତାକ୍ତ ହେଲି। ବେଶ୍ କିଛି ଅର୍ଥ ପ୍ରତିବଦଳରେ ନିର୍ଦ୍ଦୟ ହୋଇ ଏହି ଦସ୍ତଖତକାରୀଙ୍କ ହାତକୁ ତାକୁ ଟେକି ଦେଇଥିଲି ବୋଲି ସାହସ ନ ଥିବାର ଏକ ନିର୍ଘାତ ଅସହାୟତାରେ ମୋ ସାମର୍ଥ୍ୟମାନ ଏବେ ପ୍ରାୟ ଥ୍ଲାଣ୍ଡୁ ପାଲଟି ଯାଉଥିଲେ। ନିର୍ମମ ନିରୁପାୟରେ ବେଦନାସିକ୍ତ ହୋଇ ଗୋଟେ ପରାଜିତ ସୈନିକ ପରି ଅଗତ୍ୟା ମୋତେ ତା' ନିକଟରୁ ଫେରିଆସିବାକୁ ହେଲା। ଫେରିବା ବେଳକୁ ତା' ନିରୀହ, ନିଷ୍ପାପ ଚେହେରାକୁ ପୁଣିଥରେ ବୁଲି ଚାହିଁବାକୁ ମୋ ଭିତରେ ବିନ୍ଦୁଏ ସାହସ କି ଟୋପାଏ ଆତ୍ମବିଶ୍ୱାସ କିଛିହେଲେ ବି ବଳକା ନଥିଲା।

–ଜେ.କେ.ପୁର, ରାୟଗଡ଼
ମୋ: ୮୦୧୮୮୩୮୩୬୮

## ମାଟିମଣ୍ଟା

ସୁସ୍ମିତା ମହାପାତ୍ର

ସୁନେଲି ସୁଖର ଫିଟାଏ ଫରୁଆ
ଦୁଃଖେ ପକାଇ ତାଲା,
ସଂସାରେ ଯେତେ ସନ୍ତାନ ତା'ର
ସତେ ଆପଣାର ପିଲା।
ଅଝଟ ପଣେ ବା ଶଇଶବ ଗୁଣେ
କରେ ଯେବେ ଶିଶୁ ଅଳି,
ତାରାଫୁଲ ମେଲୁ କୁନି ହାତେ ତା'ର
ଆଣିଦିଏ ଚାନ୍ଦ ତୋଳି।
ଦେହପା' ବେମାର ଜ୍ୱର ନୁଆରରେ
ପାଶେ ଥାଏ ଛାୟା ପରି,
ତା' ଆଖିରେ ସୁଖ ନିଦ ଭରିବାକୁ
ସାରା ରାତି ଗାଏ ଲୋରି।

ଦୁଃଶାସନକୁ ନାଶି ପାରେ କେବେ
ସିଂହବାହିନୀ ସାଜି,
ପଶାଖେଳେ ନିଜ ଜୀବନକୁ ପୁଣି
ଲଗାଇ ପାରେ ସେ ବାଜି।
ସ୍ୱାର୍ଥ ସମିଧେ ଅରପି ଆହୁତି,
ଆତ୍ମ ଶୋଣିତେ ଜଳାଇ ଆଳତି,
ସବୁରି ମୁଖରେ ଜେରାଏ ମୁରୁକି
ହସ ଯିଏ ପାରେ ଭରି,
ମହନୀୟ ଏଇ ମେଦିନୀ ବୁକୁରେ
ମାଟିମଣ୍ଟା ସେ ନାରୀ ॥

–ସରକାରୀ ଉଚ୍ଚ ବିଦ୍ୟାଳୟ,
ସେକ୍ଟର–୬
ରାଉରକେଲା –୦୨, ସୁନ୍ଦରଗଡ଼
ଫୋ. ନଂ – ୯୪୩୭୫୦୩୧୩୮

## ପୁନର୍ଜନ୍ମ

–ମାନସ ରଞ୍ଜନ ବାରିକ୍

ସ୍ୱପ୍ନ ଆସେ ନିଦ ଆଜି
ଭାଙ୍ଗି ଗଲା ପରେ
କିଛି ଅବଶୋଷ ଲଦି
ଆଶାର ପିଠିରେ ।
ସରିଗଲା ବେଶୀ କିନ୍ତୁ
କିଛି ଅଛି ବାକି
ଭାଙ୍ଗିନି ଦୁର୍ବଳ ଦେହ
ଯାଇଅଛି ଥକି ।
ମନ କିନ୍ତୁ ନୂଆ ଆଶାରେ
ଶକ୍ତି ସଞ୍ଚୟ କରେ
ଆଉ ଥରେ ଲଢ଼ିବାକୁ
ସେଇ ଦେହରେ
ସ୍ୱପ୍ନ ଆସେ ନିଦ ଆଜି
ଭାଙ୍ଗି ଗଲା ପରେ ।

–କଣ୍ଟିପାଳ, କେନ୍ଦୁଝର
ମୋ: ୯୦୭୮୯୩୪୯୩୪





## ପଲକଙ୍କ ପ୍ରଶଂସାରେ ସଲ୍ଲୁ


ସଲମାନ୍

ସଲମାନ ଖାଁଙ୍କ ଆଗାମୀ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ଆଉ ଜଣେ କଳାକାରଙ୍କୁ ସାମିଲ କରାଯାଇଛି। ସେ ହେଲେ ପଲକ୍ ତିୱାରୀ। ଏଥିରେ ସଲମାନଙ୍କ ଭାଇ ଭୂମିକାରେ ଅଭିନୟ କରୁଥିବା ଜସି ଗିଲ୍‌ଙ୍କ ନାୟିକା ସାଜିଛନ୍ତି ପଲକ୍। ତାଙ୍କର ଅଭିନୟ ଦେଖିବା ପରେ ସଲମାନ୍ କହନ୍ତି, 'ଯେତେବେଳେ ଏହି ଭୂମିକା ପାଇଁ ମୁଁ ପଲକଙ୍କ ନାମକୁ ପ୍ରପୋଜ କଲି ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ସେ ଏହାକୁ ଠିକ୍ ଭାବରେ ତୁଲାଇ ପାରିବେ। ଏହି ଫିଲ୍ମଟି ତାଙ୍କ ଆକ୍ଟିଂ କ୍ୟାରିୟର ପାଇଁ ମାଇଲେଜ ଦେବ ବୋଲି ଆଶା ରଖିଛି। ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି ସାଜିଦ ନାଦିଆଦୱାଲା ଏବଂ ନିର୍ଦ୍ଦେଶନା ଦେଉଛନ୍ତି ଫରହାଦ ସାମଜୀ। ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୩୦ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।

## ରହିଗଲା ଅବଶୋଷ

ବେଳେବେଳେ ଗୋଟିଏ କଥା ମନରେ ବାରମ୍ବାର ଆନ୍ଦୋଳିତ ହୋଇଥାଏ। ସେଭଳି ଏକ ଘଟଣାକୁ ଅନେକ ସମୟରେ ମନେ ପକାନ୍ତି ଦବଙ୍ଗ ଗର୍ଲ ସୋନାକ୍ଷୀ। ସେ ଯେତେବେଳେ ଛୋଟ ଥିଲେ ତାଙ୍କର ଏକ ବଡ ଆଶା ଥିଲା। ସେ ହେଉଛି ପାଠ ପଢ଼ିବେ। ଡାକ୍ତର ହେବେ। ଆଉ ରୋଗୀମାନଙ୍କୁ ମାଗଣାରେ ସେବା କରିବେ। ହେଲେ ତାହା ପୂରଣ ହେଇପାରିଲା ନାହିଁ। ଏବେ ସେହି କଥାକୁ ମନେ ପକାଉଛନ୍ତି ଶତ୍ରୁଘ୍ନ ତନୟା। ହେଲେ ଏପରି ଭାବନା ଭିତରେ ତାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ତାହା କ'ଣ ଜାଣନ୍ତି ? ଡାକ୍ତର ଆଉ ରୋଗୀର ସମ୍ପର୍କକୁ ନେଇ ସେ ଏକ କାହାଣୀଟିଏ ଖୋଜି ପାଇଛନ୍ତି। ଏ ବିଷୟରେ ସୋନାକ୍ଷୀ କହନ୍ତି, 'ପାଠ ପଢ଼ିବା ସମୟରେ ମୋର ଡାକ୍ତର ହେବାକୁ ଇଚ୍ଛା ଥିଲା। ହେଲେ ତାହା ପୂରଣ ହେଲା ନାହିଁ। ନିକଟରେ ସେହି କଥା ଭାବୁ ଭାବୁ ଡାକ୍ତର-ରୋଗୀ ଭିତରେ ଥିବା ସମ୍ପର୍କକୁ ନେଇ ସିନେମାଟିଏ ନିର୍ମାଣ କରିବା କଥା ମୋ ମନକୁ ଆସିଥିଲା। ଏବେ ସେଭଳି ଏକ ଭଲ କାହାଣୀ ମୋ ମନକୁ ଆସିଛି। ଯଦି ଏହାକୁ ନେଇ ସିନେମା ନିର୍ମାଣ କରାଯାଇପାରନ୍ତା ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁ ପାରନ୍ତା। ହେଲେ ଏହି କାହାଣୀର ମୁଖ୍ୟ ଚରିତ୍ର ହେଉଛନ୍ତି ଜଣେ ମହିଳା ଡାକ୍ତର। ଆଉ ସେଇ ଭୂମିକାରେ ନିଜେ ଅଭିନୟ କରିବାକୁ ମଧ୍ୟ ଆଶା ରଖିଛି।' ତେବେ ସୋନାକ୍ଷୀଙ୍କର ଏହି ଆଶା ବଡ ପରଦାରେ ପୂରଣ ହେଉଛି କି ନାହିଁ ତାହା ଆଗାମୀ ସମୟ ହିଁ କହିବ।


ସୋନାକ୍ଷୀ

## ପୋଲିସ ଅବତାର

ସୁପରହିଟ୍ ଓଡ଼ିଆ ଆଲବମ୍ 'ଗୁଆ ଘିଅ' ଫେମ୍ ବଣ୍ଟି ଆର. ସାମଲ ଓରଫ ଅନୁଗୁଳିଆ ବଣ୍ଟିଙ୍କ ଖୁସି କହିଲେ ନ ସରେ। କାରଣ ସେ ଏବେ ଓଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। ନିର୍ମାଣାଧୀନ ଓଡିଆ ସିନେମା 'ସଦର ଥାନାରୁ ଇନିସପେକ୍ଟର ସନା'ର ନାୟକ ସାଜିଛନ୍ତି ସେ। ଏହି ଫିଲ୍ମରେ ତାଙ୍କୁ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ମିଳିବ। ଆଉ ଏପରି ରୋଲ୍ ଏବଂ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ବଣ୍ଟି। ଏକ କମେଡିଭିତ୍ତିକ କାହାଣୀକୁ ନେଇ ଏହାର ନିର୍ମାଣ କରାଯାଇଛି, ଯେଉଁଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ସୁଶୀଲ କୁମାର ବାରିକ ଏବଂ ସୁଦୀପ୍ତ ଷ୍ଟାଲିନ୍ ମହାପାତ୍ର। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ଦୀପକ ଜେନା। ଓଡ଼ିଆ ଚିତ୍ର 'ତୁ ମୋ ସାଥୀରେ', 'ଦୁର୍ଗତି ନାଶିନୀ' ଏବଂ 'ପ୍ରସ୍ଥାନମ୍'ର ନିର୍ଦ୍ଦେଶକ 'ରାଜା ଡି ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି। ପୁଷ୍ପକ ପରିଡା ଏବଂ ରଞ୍ଜନ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ। ଏସ.ଏସ. କ୍ରିଏଟିଭ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରରେ ବଣ୍ଟିଙ୍କ ବ୍ୟତୀତ ଅର୍ଚ୍ଚିତା ମହାନ୍ତି, ପ୍ରଯୋଜକ ସୁଶୀଲ କୁମାର ବାରିକ, ହରିହର ମହାପାତ୍ର, ଶୈଳେନ୍ଦ୍ର ସାମନ୍ତରାୟ ଏବଂ ଆକାଶ ହୋତା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ବଣ୍ଟି

## ସେହି ଦୁଇଟି ଜିନିଷ

ପରିଣିତି ଚୋପ୍ରା ଯୁଆଡେ ଗଲେ ଦୁଇଟି ଜିନିଷ ସାଙ୍ଗରେ ନେବାକୁ ଆଦୌ ଭୁଲନ୍ତି ନାହିଁ। ତାହା କ'ଣ ଜାଣିବାକୁ ଅନେକଙ୍କ ମନରେ ଉତ୍ସୁକତା ନିଶ୍ଚୟ ଥିବ ? ହଁ, ସେହି ଜିନିଷ ଦୁଇଟି ହେଲା-ଲିପ୍ ବାମ୍ ଏବଂ ଫେଶ ୱାସ୍। ଶୁଟିଂ ସେଟ୍‌କୁ ହେଉ ଅବା ବାହାରକୁ ଗଲେ ସେ ଏଗୁଡିକୁ ନିଜ ସହ ନେଇ ଯାଆନ୍ତି। ଅଭିନୟ କ୍ଷେତ୍ରରେ ପାଦ ଥାପିବା ପୂର୍ବରୁ ସେ ବଲିଉଡ୍ ସହ ଜଡିତ ଥିଲେ। ହିନ୍ଦୀ ସିନେମାର ଅନ୍ୟତମ ନାମୀ ବ୍ୟାନର ୟଶରାଜ ଫିଲ୍ମସ (ୱାଇଆରଏଫ)ରେ ସେ କିଛି ମାସ ଲୋକ ସମ୍ପର୍କ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ଆଦିତ୍ୟ ରୟ କପୁରଙ୍କ ସହ ତାଙ୍କର ପ୍ରଥମେ ଆଫେୟାର ଚାଲିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ସମ୍ପର୍କ ବନ୍ଧୁତାରେ ବଦଳି ଯାଇଥିଲା। ଜଣେ ବଲିଉଡ୍ ଅଭିନେତାଙ୍କ ଅଭିନୟ ତାଙ୍କୁ ବେଶୀ ପ୍ରଭାବିତ କରିଥିଲା। ସେ କିଏ ଜାଣନ୍ତି ? ସୈଫ ଅଲ୍ଲୀ ଖାଁ। ପରିଣିତି ଅଭିନୟ ବ୍ୟତୀତ ସଙ୍ଗୀତ ସହ ମଧ୍ୟ ଜଡିତ। କ୍ଲାସିକାଲ ମ୍ୟୁଜିକ୍‌ରେ ସେ ଅନର୍ସ ଡିଗ୍ରୀ ହାସଲ କରିଛନ୍ତି। ପରିଣିତିଙ୍କର ଏକ ବଦ୍ ଅଭ୍ୟାସ ବି ରହିଛି। ସେ ହେଉଛି କିଛି କାମ ନ ଥିଲେ ବସି ନଖ କାମୁଡିବା।


ପରିଣିତି


ଦିଶା ପଟାନି

## ଦିଶା ଯାହା ଖୋଜୁଥିଲେ..

ଦିଶା ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଆଗକୁ ପଛକୁ ବିଚାର ନ କରି ସିନା ସେ ଫିଲ୍ମଟି ସାଇନ୍ କରିଦେଲେ, ହେଲେ ଏଥିରେ ତାଙ୍କୁ ମିଳିଥିବା ଭୂମିକାରେ ଆକ୍ସନ ଭରି ରହିଛି। କେବଳ ତ ସାଇନ୍ କରିଦେଲେ ହେବ ନାହିଁ, ତାହାକୁ ପୁଣି ତୁଲାଇବାକୁ ପଡିବ। ତେଣୁ ସେ ଏ ନେଇ ଆକ୍ସନ ଗୁରୁ ଖୋଜିବାରେ ବ୍ୟସ୍ତ ଥିଲେ। ଠିକ୍ ସେତିକି ବେଳେ ତାଙ୍କ ମନକୁ ଜଣଙ୍କ କଥା ଆସିଥିଲା। ସେ ଆଉ କେହି ନୁହଁନ୍ତି, ବଲିଉଡ୍‌ର ଖିଲାଡି ମାଷ୍ଟର ଅକ୍ଷୟ କୁମାର। ବାସ୍, ତାଙ୍କ ସହ ଫୋନ୍‌ରେ ଯୋଗାଯୋଗ ପରେ ଟିକେ ଶାନ୍ତିରେ ନିଶ୍ୱାସ ମାରିଛନ୍ତି ଦିଶା। ଏଭଳି ବିଷୟକୁ ନେଇ ସେ କହନ୍ତି, 'ମୁଁ ଜାଣିଛି ଆକ୍ସନ ଭୂମିକା ତୁଲାଇବା କେତେ କଷ୍ଟକର। ତେଣୁ ଏ ନେଇ କିଛି ଟିପ୍ସ ଆଶାରେ ଥିଲି। ଥରେ ଭାବୁ ଭାବୁ ମୋ ମନକୁ ଆସିଲା ଯେ, ଯଦି ମୁଁ ଏ ନେଇ ଅକ୍ଷୟ କୁମାରଙ୍କ ସହ ଯୋଗାଯୋଗ କରେ ହୁଏତ ସେ ମୋ ସମସ୍ୟାର ସମାଧାନ କରିପାରିବେ। ବାସ୍, ବିଳମ୍ବ ନ କରି ତାଙ୍କୁ ଫୋନ୍ କରିଥିଲି। ଆଉ ସେ ମଧ ମୋତେ ସହଯୋଗର ହାତ ବଢ଼ାଇଛନ୍ତି। ତେଣୁ ଆଶା ରଖିଛି ଏହି ରୋଲ୍‌କୁ ମୁଁ ଠିକ୍ ଭାବରେ ନେଇ ଆଣି ଥୋଇ ପାରିବି।' ଦେଖାଯାଉ, ଆକ୍ସନ ଭୂମିକାରେ ଦିଶା ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରିପାରୁଛନ୍ତି ?


ପୂଜା

## ଫଟୋଗ୍ରାଫି ନିଶା

'ମହେଞ୍ଜୋଦାରୋ' ଫେମ୍ ପୂଜା ହେଗଡେଙ୍କର ଗୋଟିଏ ଜିନିଷ ଆଡକୁ ମନ ଢ଼ଳିଛି। ତାହା କ'ଣ ଜାଣନ୍ତି ? ତାହା ହେଲା ଫଟୋଗ୍ରାଫି। ଏବେ ସେ ଯୁଆଡେ ଗଲେ ସାଙ୍ଗରେ କ୍ୟାମେରା ନେଉଛନ୍ତି। ସମୟ ମିଳିଲେ ପ୍ରାକୃତିକ ଦୃଶ୍ୟରାଜିକୁ କ୍ୟାମେରାରେ କଏଦ କରିବାକୁ ଭୁଲୁ ନାହାନ୍ତି। ଏ ନେଇ ପୂଜା କହନ୍ତି, 'ଫଟୋଗ୍ରାଫି ପ୍ରତି ମୋର ପିଲାଟି ଦିନରୁ ଆଗ୍ରହ ଥିଲା। ଏବେ ମଧ୍ୟ ସେହି ନିଶା ମୋର ରହିଛି। କୌଣସି ମନଲାଖି ପ୍ରାକୃତିକ ଦୃଶ୍ୟ ଦେଖିଲେ ତାହାକୁ ଡେରି ନ କରି କ୍ୟାମେରାରେ ଉତ୍ତୋଳନ କରିନିଏ। ଏ ପର୍ଯ୍ୟନ୍ତ ଏଭଳି ଅନେକ ଫଟୋକୁ ମୁଁ ଆଲବମ୍‌ରେ ସାଇତି ରଖିଛି।' ପୂଜାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା ମେଡେଲିଂରୁ। ତା'ପରେ ସେ ତେଲୁଗୁ ଫିଲ୍ମରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ବେଶ୍ କେତୋଟି ତେଲୁଗୁ ଏବଂ ତାମିଲ ଫିଲ୍ମରେ ଆକ୍ଟିଂ କରିବା ପରେ ୨୦୧୬ରେ ପୂଜା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଆଉ ଫିଲ୍ମଟି ଥିଲା 'ମହେଞ୍ଜୋଦାରୋ'। ତା'ପରେ ସେ 'ହାଉସଫୁଲ୍-୪', 'ରାଧେଶ୍ୟାମ' ହିନ୍ଦୀ ସିନେମାରେ ଅଭିନୟ କରିସାରିଥିବା ବେଳେ 'ସର୍କସ', 'କିସିକା ଭାଇ କିସିକି ଜାନ୍' ଆଦି ଫିଲ୍ମ ତାଙ୍କ ହାତରେ ରହିଛି।

# ଅଧା ସପନକୁ ଅଧା କାହାଣୀ, କେବେ ଆସିବ ମୋ ମନର ରାଣୀ

**ପ୍ରଶ୍ନ**–ଜଣେ ଝିଅ ମୋତେ ଆଖିରେ ଇସାରା ଦେଉଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ତନ୍ମୟ ଦାସ, ଜଗତସିଂହପୁର*

**ଉତ୍ତର:** କଥାରେ ଅଛି–ସମଝଦାର ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! ବାସ୍, ସେହି ଇସାରା, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। 'ଅଧା ସପନକୁ ଅଧା କାହାଣୀ, କେବେ ଆସିବ ମୋ ମନର ରାଣୀ'। ସେହି ଇସାରା ଭିତରେ କେଉଁଠି ନା କେଉଁଠି ନିଶ୍ଚୟ ପ୍ରେମର ଅସଲ ବାସ୍ନା ଲୁଚି ରହିଛି। ବାସ୍, ଥଣ୍ଡା ମିଜାସରେ ତାହାକୁ ଖୋଜିବାକୁ ଚେଷ୍ଟା କରନ୍ତୁ। ଦେଖିବେ ଦିନେ ନା ଦିନେ ଆପଣଙ୍କ ମନର ମାନସୀ ଆସି ଆପଣଙ୍କୁ ସରପ୍ରାଇଜ ଦେବ।

**ପ୍ରଶ୍ନ**–ଜଣେ ଝିଅ ସହ ଗତ କିଛି ଦିନ ହେବ ଦେଖାହେଉଛି। ପ୍ରଥମେ ସେ ମୁହଁ ପୋତି ଚାଲିଯାଉଥିଲା। ହେଲେ ଏବେ ମୋତେ ଦେଖି ହସି ଦେଉଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି ?

*–ଅମନ କୁମାର, ବ୍ରହ୍ମପୁର*

**ଉତ୍ତର:** ଆପଣଙ୍କ ମନର ମାନସୀ ଆପଣଙ୍କୁ ଦେଖି ହସି ଦେଉଛି। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ତାକୁ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

> "କେବଳ ଭଲ ପାଇଲେ ତ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି କେବଳ ନାମକୁ ମାତ୍ର ପ୍ରେମ କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।"

**ପ୍ରଶ୍ନ**–ପ୍ରେମ ନିଶା କେତେ ଗାଢ଼ କହିବେ କି ସାଥୀ ?

*–ବିଜୟ, ଭୁବନେଶ୍ୱର*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କେବଳ ଭଲ ପାଇଲେ ତ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି କେବଳ ନାମକୁ ମାତ୍ର ପ୍ରେମ କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। କିନ୍ତୁ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଦୀପକ ସାହୁ, ନବରଙ୍ଗପୁର*

**ଉତ୍ତର:** ଯାହାକୁ ଏତେ ଥର ଆଇ ଲଭ ୟୁ କହି ସାରିଲେଣି, ସେ ବୋଧହୁଏ ତାକୁ ତର୍ଜମା କରୁଛି। ଏହାର ଉତ୍ତର ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !





**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। କ'ଣ କରିବି ?

*–ପ୍ରଭଞ୍ଜନ ନାୟକ, ବଡବିଲ, କେନ୍ଦୁଝର*

**ଉତ୍ତର:** ଆପଣଙ୍କ ରଚିତ କବିତା ପ୍ରେମିକା ମଗଜରେ ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରିବେ।

## ପ୍ରଥମ ରୋଜଗାର



ବରିଷ୍ଠ ଡାକ୍ତର **ଲକ୍ଷ୍ମୀକାନ୍ତ ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ରୋଜଗାର ଟଙ୍କା ବୋଉକୁ ଦେଇଥିଲି

୧୯୮୦ରେ ୟୁପିଏସ୍‌ସି ଦ୍ୱାରା ମନୋନୀତ ହୋଇ ମଧ୍ୟପ୍ରଦେଶର ବସ୍ତର ଜିଲା (ଯାହା ଏବେ ଛତିଶଗଡ଼ରେ ଅବସ୍ଥିତ)ରେ ମେଡିକାଲ ଅଫିସର୍ ଭାବେ ପ୍ରଥମେ ଯୋଗ ଦେଇଥିଲି। କିନ୍ତୁ ମୋ ବୋଉ, ଧର୍ମପତ୍ନୀ ଓ ପିଲାମାନେ କେନ୍ଦୁଝରରେ ଥିଲେ। ମୋ ପତ୍ନୀ ବି ଜଣେ ଡାକ୍ତର ଆଉ ସେତେବେଳେ ସିଏ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିଲେ। ତେଣୁ ଘରଖର୍ଚ୍ଚ ପାଇଁ ଯେତିକି ଦରକାର ସେତିକି ଟଙ୍କା ପ୍ରତିମାସ ବ୍ୟାଙ୍କ ଡ୍ରାଫ୍ଟରେ ଘରକୁ ପଠାଇ ଦେଉଥିଲି। ସେବେ ମାତ୍ର ୧୩୦୦ ଟଙ୍କା ଦରମା ମିଳୁଥିଲା। ଦୁଇମାସ ପରେ ଛୁଟିରେ ଯେବେ ଘରକୁ ଆସିଲି, ବୋଉ ହାତରେ ଦରମା ଟଙ୍କା ଦେବାରୁ ସେ ବହୁତ ଖୁସି ହୋଇଗଲା। ଅଳ୍ପ ଦରମା ପାଉଥିଲେ ବି ସେବେ ଏହା ଖୁବ୍ ମର୍ଯ୍ୟାଦା ବହନ କରୁଥିଲା। ତେବେ ୧୯୮୫ରୁ ୧୯୮୭ ପର୍ଯ୍ୟନ୍ତ ଯେତେବେଳେ ମୁଁ କେନ୍ଦ୍ର ସରକାରଙ୍କ କୋଣ୍ଡାଗାଁଓ ରେଫରାଲ ହସ୍ପିଟାଲରେ ମେଡିକାଲ ଅଫିସର ଭାବେ କାମ କରୁଥିଲି, ସେତେବେଳେ ଶ୍ରୀ ସତ୍ୟସାଇ ସେବା ସମିତି ମାଧ୍ୟମରେ ଛତିଶଗଡ଼ର ବିଭିନ୍ନ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି, ଗରିବ ରୋଗୀଙ୍କୁ ସେବା ଯୋଗାଇ ଦେବାର ସୁଯୋଗ ପାଇଥିଲି। ଏହି କାର୍ଯ୍ୟରେ କୋଣ୍ଡାଗାଁଓ ଡିଗ୍ରୀ କଲେଜର ଅଧକ୍ଷ ତଥା ଶ୍ରୀ ସତ୍ୟସାଇ ସେବା ସମିତିର ଅଧକ୍ଷ ଡକ୍ଟର ପି.ଏନ୍. ପାଣ୍ଡେ ମୋତେ ଅନେକ ସହାୟତା ଯୋଗାଇ ଦେଇଥିଲେ। ୧୯୮୯ରେ ଦାଦ୍ରା ଆଣ୍ଡ ନଗର ହାବେଳି ହସ୍ପିଟାଲକୁ ମୋର ଟ୍ରାନ୍ସଫର୍ ପାଇଁ ଅର୍ଡର ଆସିଲା। କିନ୍ତୁ ମୁଁ ଓଡ଼ିଶା ଫେରି ଆସିବାକୁ ନିଷ୍ପତ୍ତି ନେଇ କେନ୍ଦ୍ର ସରକାରଙ୍କୁ ଅପ୍ସନ ଦ୍ୱାରା ମୋ ଇଚ୍ଛା ଜଣାଇବାରୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ମିଳିଲା। କିଛିଦିନ ପରେ ମାଲକାନଗିରି ଜିଲାର କୋରୁକୋଣ୍ଡାରେ ମେଡିକାଲ ଅଫିସର ଇନ୍‌ଚାର୍ଜ ଭାବେ ଯୋଗ ଦେବାକୁ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିର୍ଦ୍ଦେଶ ଆସିଲା। କୋରୁକୋଣ୍ଡା ଥିଲା ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ରର ବ୍ଲକ ହେଡ୍‌କ୍ୱାର୍ଟର ତଥା ଅବିଭକ୍ତ କୋରାପୁଟ ଜିଲାର ବଡ଼ ବ୍ଲକ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର। ଏଠାରେ ଥିଲା ୩୨ଟି ଏଏନ୍‌ଏମ୍ ସବ୍‌ସେଣ୍ଟର। ଏହି ବିରାଟ ଅଞ୍ଚଳର ଗୋଟେ ପଟେ ଆନ୍ଧ୍ରର ସୀମା ଏବଂ ଅନ୍ୟ ପଟେ ମଧ୍ୟପ୍ରଦେଶର ସୀମା ରହୁଥିଲା। ଏହି ଅଞ୍ଚଳରେ ମୁଖ୍ୟତଃ ବଙ୍ଗୀୟ ଶରଣାର୍ଥୀ ଏବଂ କୋୟା ଜନବସତିଙ୍କୁ ଦେଖିବାକୁ ମିଳୁଥିଲା। ଏଠାରେ ୨୦୦୦ ମସିହା ପର୍ଯ୍ୟନ୍ତ ରହିଲି। ଆଉ ତାରି ଭିତରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱ ବୁଝିବା ସହ ନିଜସ୍ୱ ପ୍ରଚେଷ୍ଟାରେ ସେଠାରେ ଏକ ଅଫିସର୍ସ କ୍ଲବ (ଉତ୍କଳ ସାହିତ୍ୟ ସଂସଦ) ପ୍ରତିଷ୍ଠା କଲି। ଓଡ଼ିଶାର ସାହିତ୍ୟ, ସଂସ୍କୃତିର ସୁରକ୍ଷା କରିବା ଥିଲା ଏହି କ୍ଲବର ମୂଳ ଲକ୍ଷ୍ୟ। କାରଣ ଓଡ଼ିଶାର ଏହା ଥିଲା ଏକ ସୀମାନ୍ତ ଅଞ୍ଚଳ। କ୍ରମେ ଏହି କ୍ଲବ ମାଧ୍ୟମରେ ଓଡ଼ିଶା ଦିବସ, ବିଷୁବ ସାହିତ୍ୟ ଆସର, ବ୍ୟାସକବି ଫକୀରମୋହନ ଜୟନ୍ତୀ ଇତ୍ୟାଦି ଅନେକ କାର୍ଯ୍ୟକ୍ରମ ଆରମ୍ଭ କରାଗଲା। କ୍ଲବର ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ନାଟକ ମଧ୍ୟ ମଞ୍ଚସ୍ଥ ହେଲା। କେବଳ ସାହିତ୍ୟ, ସଂସ୍କୃତି ନୁହେଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କଲା ଏହି କ୍ଲବ। ପ୍ରତିବର୍ଷ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିରର ଆୟୋଜନ କରିବା ସହ ଆଖପାଖ ଗାଁଗୁଡ଼ିକରେ ବି ମାଗଣା ସ୍ୱାସ୍ଥ୍ୟ ଶିବିରମାନ ଖୋଲିବାରେ ଏହି କ୍ଲବ ଅନେକ ସାହାଯ୍ୟ କଲା। କହିବାକୁ ଗଲେ ଡାକ୍ତରୀ ଜୀବନର ସର୍ବଶ୍ରେଷ୍ଠ ସଫଳତା ମୋତେ ଏହିଠାରେ ହିଁ ମିଳିଥିଲା। ତା'ପରେ କେନ୍ଦୁଝରକୁ ମୋର ବଦଳି ହେଲା। ସେଠାରେ ବି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ୍ ଅଫିସର୍ ଭାବେ ଦାୟିତ୍ୱ ତୁଲାଇ ଶେଷରେ ୨୦୦୨ରେ ଚାକିରିରୁ ଅବସର ନେଲି। ପେସାରେ ଜଣେ ଡାକ୍ତର ହୋଇଥିଲେ ହେଁ ସାଧାରଣରେ ମୁଁ ଜଣେ ସାହିତ୍ୟ ଅନୁରାଗୀ ମଣିଷ। ଓଡ଼ିଆ ଭାଷାର ସୁରକ୍ଷା କିଭଳି ହୋଇପାରିବ ସେହି ଚେଷ୍ଟାରେ ମୁଁ ସବୁବେଳେ ରହିଥାଏ।

*–ନରେଶ ଚନ୍ଦ୍ର ପଟ୍ଟନାୟକ*



# ଧୋତି ଷ୍ଟାଇଲ୍ ଶାଢ଼ି



**ପୁରୁଷମାନେ ଯେମିତି ଧୋତି ପିନ୍ଧନ୍ତି, ଅବିକଳ ସେହି ଷ୍ଟାଇଲ୍‌ରେ ଏବେ କେତେଜଣ ମହିଳା ଶାଢ଼ି ବି ପିନ୍ଧୁଛନ୍ତି; ଯାହାକୁ ଧୋତି ଷ୍ଟାଇଲ୍ ଶାଢ଼ି କୁହାଯାଉଛି। ତେବେ ଏହି ଷ୍ଟାଇଲ୍ ଶାଢ଼ିର କ'ଣ ସବୁ ଲାଟେଷ୍ଟ ଡିଜାଇନ୍ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

---

ଧୋତି ଷ୍ଟାଇଲ୍ ଶାଢ଼ିର ଟ୍ରେଣ୍ଡ ଏବର ନୁହେଁ, ଏହାର ଚଳଣି ବହୁ ଆଗରୁ ରହିଆସିଛି। ମୁଖ୍ୟତଃ ମହାରାଷ୍ଟ୍ରର ମହିଳାମାନେ ଏହି ଷ୍ଟାଇଲ୍‌ର ଶାଢ଼ି ପିନ୍ଧିବାକୁ ଅଧିକ ପସନ୍ଦ କରିଥା'ନ୍ତି। ସେମାନେ ଏହାକୁ ନୌୱାରୀ ଶାଢ଼ି ବୋଲି କହିଥାନ୍ତି। କେହି କେହି ତ ଏହାକୁ କସ୍ତା ଶାଢ଼ି ବି କୁହନ୍ତି। ତେବେ ମରାଠୀ ମହିଳାମାନେ ଏହି ଷ୍ଟାଇଲ୍‌ର ଶାଢ଼ିକୁ ନିଜେ ଖୁବ୍ ସୁନ୍ଦର ଭାବେ କୁଞ୍ଚ କରି ଧୋତି ଭଳି ପିନ୍ଧିବାକୁ ଚେଷ୍ଟା କରିଥାନ୍ତି ; ଯାହା ଟିକେ ସମୟ ସାପେକ୍ଷ ହୋଇଥାଏ। କିନ୍ତୁ ଏବେ ରେଡିମେଡ୍‌ରେ ବି ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍‌ର ଧୋତି ଷ୍ଟାଇଲ୍ ଶାଢ଼ି ମିଳୁଛି, ଯାହାକୁ ପିନ୍ଧିବା ଖୁବ୍ ସହଜ ହୋଇଥାଏ। ତା'ଛଡ଼ା ଏହି ଶାଢ଼ି ବି ମହିଳାଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ। ତା'ହେଲେ ଆସନ୍ତୁ ଜାଣିବା କେତୋଟି ଟ୍ରେଣ୍ଡି ଧୋତି ଷ୍ଟାଇଲ୍ ଶାଢ଼ି ବିଷୟରେ–

* **କସ୍ତା ଶାଢ଼ି:** ଧୋତି ଷ୍ଟାଇଲ୍ ଶାଢ଼ିର ମୂଳ ଉତ୍ସ ହେଉଛି ଏହି ଶାଢ଼ି। ବାହାଘର, ପର୍ବପର୍ବାଣି ହେଉ ଅବା କୌଣସି ଟ୍ରାଡିଶନାଲ୍ ଫଙ୍କଶନ୍ ହେଉ ମରାଠୀ ମହିଳାମାନେ ଏହି ଶାଢ଼ିକୁ ପିନ୍ଧିବାକୁ ବେଶ୍ ପସନ୍ଦ କରିଥା'ନ୍ତି। ମୁଖ୍ୟତଃ ସିଲ୍କ ଫ୍ୟାବ୍ରିକ୍‌ରେ ଆସୁଥିବା ଏହି ଶାଢ଼ି ସବୁ ବର୍ଗର ମହିଳାଙ୍କୁ ଭଲ ମାନିଥାଏ।
* **ରେଡିମେଡ୍ ନୌୱାରୀ ଶାଢ଼ି:** ଧୋତି ଷ୍ଟାଇଲ୍ ଶାଢ଼ିର ଅନ୍ୟତମ ମୂଳ ଉତ୍ସ ଭାବେ ବି ନୌୱାରୀ ଶାଢ଼ି ପରିଚିତ। ମୁଖ୍ୟତଃ ମରାଠୀ ମହିଳାମାନେ ଏହି ଶାଢ଼ି ପିନ୍ଧିଥା'ନ୍ତି। ଏବେ ରେଡିମେଡ୍‌ରେ ବି ଏହି ଷ୍ଟାଇଲ୍‌ର ଶାଢ଼ି ମିଳୁଛି। ମହିଳାମାନେ ଚାହିଁଲେ ତାହାକୁ ଆରାମରେ ପିନ୍ଧି ତା'ସାଙ୍ଗକୁ ମ୍ୟାଚିଂ କରି ମହାରାଷ୍ଟ୍ରିଆନ୍ ଜୁଏଲେରି ଓ ମଥାରେ ମୁନ୍ ଶେପ୍ ବିନ୍ଦି ସାଙ୍ଗକୁ ଚୁଟିକୁ ଖୋଷା କରି ଆକର୍ଷଣୀୟ ଲୁକ୍ ପାଇପାରିବେ।
* **ନାଭି ବ୍ଲୁ ଧୋତି ଶାଢ଼ି ଗାଉନ୍:** ଏହା ଦେଖିବାକୁ ଶାଢ଼ି କମ୍ ଗାଉନ୍ ଡିଜାଇନ୍‌ର ହୋଇଥାଏ। ତା'ସାଙ୍ଗକୁ ଏଥିରେ ହୋଇଥିବା ଧୋତି ଷ୍ଟାଇଲ୍ ବି ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏହାକୁ ମହିଳାମାନେ ବାହାଘର ହେଉ ଅବା ଇଭିନିଂ ପାର୍ଟି ଏପରି କି ଗେଟ୍ ଟୁଗେଦର୍ ପାର୍ଟିରେ ପିନ୍ଧି ଷ୍ଟାଇଲିଶ୍ ଲାଗିପାରିବେ।
* **ଧୋତି ଶାଢ଼ି ଓ କ୍ରପ୍ ଟପ୍:** ଧୋତି ଷ୍ଟାଇଲ୍ ଶାଢ଼ି ସାଙ୍ଗକୁ କ୍ରପ୍ ଟପ୍ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏବେ ରେଡିମେଡ୍‌ରେ ବି ଏହି ଷ୍ଟାଇଲ୍‌ର ଶାଢ଼ି ଉପଲବ୍ଧ ହେଉଛି। କକ୍‌ଟେଲ୍ ପାର୍ଟି, ସୋସିଆଲ୍ ଗ୍ୟାଦରିଂ, ଇଭିନିଂ ପାର୍ଟି, ପ୍ରି-ବ୍ରାଇଡାଲ୍ ଫଙ୍କଶନ୍‌ରେ ଏ ଷ୍ଟାଇଲ୍‌ର ଶାଢ଼ି ପିନ୍ଧିବା ପରଫେକ୍ଟ ହୋଇଥାଏ।
* **ପାର୍ଟିୱେର୍ ଧୋତି ପ୍ୟାଣ୍ଟ ଶାଢ଼ି:** ଏହି ଟାଇପ୍‌ର ଶାଢ଼ି ମୁଖ୍ୟତଃ ପ୍ଲେନ୍ ଡିଜାଇନ୍‌ରେ ଆସିଥାଏ ; କିନ୍ତୁ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ବିଶେଷକରି ସ୍ଲିମ୍ ଟ୍ରିମ୍ ମହିଳାଙ୍କୁ ଏହି ଟାଇପ୍‌ର ଶାଢ଼ି ଅଧିକ ସୁନ୍ଦର ଦେଖାଯାଇଥାଏ।
* **ପ୍ରି-ପ୍ଲିଟେଡ୍ ଧୋତି ଶାଢ଼ି:** ଏହା ହେଉଛି ଲାଟେଷ୍ଟ ଡିଜାଇନ୍‌ର ଧୋତି ଷ୍ଟାଇଲ୍ ଶାଢ଼ି। ଏହା ସାଙ୍ଗକୁ ଫୁଲ୍ ସ୍ଲିଭ୍ ବ୍ଲାଉଜ୍ ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଲାଗିଥାଏ। ଏହା ମହିଳାଙ୍କୁ ରେଟ୍ରୋ ଲୁକ୍ ଦେଇଥାଏ। ତେବେ ଏହି ଷ୍ଟାଇଲ୍‌ର ଶାଢ଼ି ସାଙ୍ଗକୁ କେଶରେ ଖୋଷା କଲେ ଓ କାନରେ ଲମ୍ବା ଇୟରିଂ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।











**ବିଜୟିନୀ**

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ଫଟୋରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୪ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଛୁଟିଦିନ, ଧରିତ୍ରୀ

## ହାଃ ହାଃ

### ମୁଣ୍ଡ ଖରାପ

ଶିକ୍ଷକ ଟିଣ୍ଟୁଙ୍କୁ: ଆଜିକାଲି ତୁ ଏତେ ବଦ୍‌ମାସୀ କରୁଛୁ ଯେ, ମୋ ମୁଣ୍ଡ ଖରାପ ହେଇଗଲାଣି। କାଲି ହିଁ ତମ ଘରକୁ ଯାଇ ତୋ' ବାପାଙ୍କୁ ଦେଖା କରିବି।
ଟିଣ୍ଟୁ: ବାପାଙ୍କୁ କାହିଁକି ଦେଖା କରିବେ ? ମୋ ଦାଦାଙ୍କୁ ଦେଖା କରନ୍ତୁ।
ଶିକ୍ଷକ: କାହିଁକି ?
ଟିଣ୍ଟୁ: କାରଣ ସେ ହେଉଛନ୍ତି ସାଇକାଟ୍ରିଷ୍ଟ।


### ମର୍ଦ୍ଦ

ପପୁ ବାପାଙ୍କୁ: ବାପା ମର୍ଦ୍ଦ କାହାକୁ କୁହନ୍ତି ?
ବାପା: ଯିଏ ପୁରା ଘରେ ନିଜର ହୁକୁମ ଚଲାନ୍ତି, ସେ ହେଉଛନ୍ତି ମର୍ଦ୍ଦ।
ପପୁ: ମୁଁ ବି ବଡ଼ ହେଲେ ମାମାଙ୍କ ପରି ମର୍ଦ୍ଦ ହେବି।


### ବାହା ହେବି

୩ ବର୍ଷର ଗୋଲୁ ବାପାଙ୍କୁ: ବାପା ମତେ ଶୀଘ୍ର ବାହା କରେଇଦିଅ।
ବାପା: କାହିଁକି ?
ଗୋଲୁ: ଜଲ୍‌ଦୀ କରାଅ, ନ ହେଲେ ମୁଁ ଜେଜେମା'ଙ୍କୁ ବାହା ହେଇଯିବି।
ବାପା: କ'ଣ ? ତୁ ମୋ ମା'ଙ୍କୁ ବାହା ହେବୁ ?
ଗୋଲୁ: ହଁ, ତମେ ବି ତ ମୋ ମାମାଙ୍କୁ ବାହା ହେଇଛ ନା।









# କଳା ସଂସ୍କୃତିରେ ଭରା ବୈଶାଳୀ

**ବୈଶାଳୀ ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। କଳା ଓ ସଂସ୍କୃତିକୁ ଏଠାରେ ବେଶ୍ ଗୁରୁତ୍ୱ ଦିଆଯାଇଥାଏ। ସେଥିପାଇଁ ଏଠାରେ ବର୍ଷସାରା ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ। ପର୍ଯ୍ୟଟକଙ୍କ ଦେଖିବା ପାଇଁ ଏଠାରେ ରହିଛି ଅନେକ ଧାର୍ମିକ ପୀଠ, ବୌଦ୍ଧ ସ୍ମାରକ ତଥା ଅନ୍ୟାନ୍ୟ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ...**

ବିହାରର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ବୈଶାଳୀ। ଏଠାରେ କଳା, ସଂସ୍କୃତିର ଅନେକ ସୁନ୍ଦର ସୁନ୍ଦର ଝଲକ ଦେଖିବାକୁ ମିଳିଥାଏ। ପର୍ଯ୍ୟଟକଙ୍କୁ ମନକୁ ମୋହିଲା ଭଳି ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ରହିଛି ଏଠାରେ। ମୁଖ୍ୟତଃ ବୌଦ୍ଧ ଧର୍ମ ସମ୍ପର୍କିତ ଅନେକ ତଥ୍ୟ ଏଠାରୁ ଜାଣିବାକୁ ମିଳିଥାଏ।

### କ'ଣ ଦେଖିବେ

ଧର୍ମ, ସଂସ୍କୃତି ତଥା ବହୁ ଐତିହାସିକ ସ୍ମୃତିକୁ ନିଜ ଭିତରେ ସାଇତି ରଖିଥିବା ବୈଶାଳୀରେ ପର୍ଯ୍ୟଟକ ଖୁବ୍ ସୁନ୍ଦର ସୁନ୍ଦର ପର୍ଯ୍ୟଟକସ୍ଥଳୀ ବୁଲି ଦେଖିବାର ସୁଯୋଗ ପାଇପାରିବେ। ଯେମିତିକି: ଅଶୋକ ପିଲାର୍, ବିଶ୍ୱ ଶାନ୍ତି ସ୍ତୁପ, ବୌଦ୍ଧ ସ୍ତୁପ, ବିଶାଳ ଦୁର୍ଗ, ବୈଶାଳୀ ସଂଗ୍ରହାଳୟ, ବିଶ୍ୱ ଶାନ୍ତି ଶିବାଳୟ ଇତ୍ୟାଦି।

### ଅର୍ଥନୀତି

ଏଠାକାର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭର କରିଥାଏ। ତା'ଛଡ଼ା କିଛି ଲୋକ ବିଭିନ୍ନ ପ୍ରକାରର ସାଂସ୍କୃତିକ କଳାକୁ ଆପଣାଇ ନିଜ ରୋଜଗାର ଚିନ୍ତା କରିଥାନ୍ତି। ଏପରିକି ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ଉଚ୍ଚ ଉଚ୍ଚ ପଦବୀରେ ରହି ଏଠାକାର ସଂସ୍କୃତିକୁ ପ୍ରଚାର ପ୍ରସାର କରିବାରେ ବେଶ୍ ମନୋନିବେଶ ମଧ୍ୟ କରୁଥିବାର ଦେଖିବାକୁ ମିଳିଥାଏ।

### ପ୍ରିୟ ଖାଦ୍ୟ


ବୈଶାଳୀରେ ଯେହେତୁ କଳା, ସଂସ୍କୃତିକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ, ତେଣୁ ଏଠାକାର ଅଧିକାଂଶ ଲୋକେ ସାତ୍ତ୍ୱିକ ଭୋଜନ କରିବାକୁ ବେଶ୍ ପସନ୍ଦ କରିଥାନ୍ତି। ତା'ଛଡ଼ା ସତ୍ତୁ ଯେହେତୁ ବିହାରର ଏକ ପ୍ରିୟ ଖାଦ୍ୟ, ତେଣୁ ଏଠାରେ ବି ଏହି ଖାଦ୍ୟର ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳିଥାଏ।

### କେବେ ଓ କେମିତି ଯିବେ

ବୈଶାଳୀକୁ ବର୍ଷର ଯେ କୌଣସି ସମୟରେ ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମାର୍ଚ୍ଚ ହେଉଛି ଏଠାକୁ ଯିବାପାଇଁ ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ତିନୋଟି ମାର୍ଗର ଉତ୍ତମ ବ୍ୟବସ୍ଥା ରହିଛି। ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଏଠାରେ ପହଁଞ୍ଚିପାରିବେ।

### ଅନ୍ୟାନ୍ୟ ଆକର୍ଷଣ

ଏଠାରେ କଦଳୀ ଚାଷ ଭଲ ହୋଇଥାଏ ବୋଲି ସୂଚନା ରହିଛି। ପର୍ଯ୍ୟଟକ ବହୁ ଶସ୍ତାରେ ଏଠାରୁ କଦଳୀ କିଣିପାରିବେ। ତା'ଛଡ଼ା ଏଠାରେ ଲାଖରେ ତିଆରି ଖେଳନା ତଥା ଚୁଡ଼ିର ବି ଭଲ ଚାହିଦା ରହିଥାଏ। ପର୍ଯ୍ୟଟକ ଚାହିଁଲେ ଏହିସବୁ ଜିନିଷ ବି ବେଶ୍ ସୁଲଭ ଦରରେ ଏଠାରୁ କିଣି ଆଣିପାରିବେ। ଏସବୁ ବାଦ୍ ଫଟୋଗ୍ରାଫି ପାଇଁ ବି ଏଠି ଭଲ ସୁବିଧା ରହିଛି।






# କଥା ଜିନ୍ସର











ଘରେ ହେଉକି ବାହାରେ, ଅଫିସ୍ ହେଉ ଅବା ପାର୍ଟି, ମହିଳା ହୁଅନ୍ତୁ କି ପୁରୁଷ, ଜିନ୍ସ ସବୁବେଳେ ସମସ୍ତଙ୍କର ପସନ୍ଦ। ଜିନ୍ସ କାହାକୁ ବି ଟ୍ରେଣ୍ଡି ଓ ଷ୍ଟାଇଲିସ୍ ଲୁକ୍ ଦେଇପାରେ। ତାସହ ଏହାର ବ୍ରାଣ୍ଡ ବ୍ୟକ୍ତିଙ୍କର ଷ୍ଟାଟସ୍‌କୁ ବି ଦର୍ଶାଇଥାଏ। ହେଲେ ଜାଣନ୍ତିକି ସମସ୍ତଙ୍କର ପ୍ରିୟ ଏହି ଜିନ୍ସର ଇତିହାସ କ'ଣ ?

ଡେନିମ୍ ଜିନ୍ସ ପ୍ୟାଣ୍ଟ ଯେତେବେଳେ ପ୍ରଥମେ ତିଆରି ହେଲା, ତାହା ଧନୀମାନଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା ବରଂ ଗରିବ ମିସ୍ତ୍ରୀ ଓ ସୁନା ଖଣିରେ କାମ କରୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ୧୮୭୩ ମସିହାରେ ଜ୍ୟାକବ୍ ଡେଭିସ୍ , ଯେକି ଟେଲର୍ ଥିଲେ ଏବଂ ସାନ୍‌ଫ୍ରାନ୍ସିସ୍କୋର କପଡା ବିକ୍ରେତା ଲିଭାଏ ଷ୍ଟ୍ରସ୍ ମିଳିତଭାବେ ଜିନ୍ସ ତିଆରି କରିଥିଲେ। ସେତେବେଳେ ମୁଲିଆ ମଜୁରି ଲାଗୁଥିବା ଲୋକଙ୍କର କପଡା ଶୀଘ୍ର ଫାଟି ଯାଉଥିଲା। କାରଣ ସେମାନେ ପକେଟ୍‌ରେ ନିଜର କିଛି ହତିଆର୍‌କୁ ବି ପକେଟ୍‌ରେ ରଖୁଥିଲେ। ତେଣୁ ସେମାନଙ୍କୁ ଏଭଳି କପଡାର ଆବଶ୍ୟକତା ଥିଲା ଯାହା ମଜଭୁତ ହେବା ସହ ଶୀଘ୍ର ଫାଟୁ ନ ଥିବ। ଏହାକୁ ନଜରରେ ରଖି ଆଜିକାର ଲୋକପ୍ରିୟ ଲିଭାଇସ୍ ଜିନ୍ସର ମାଲିକ ଲିଭାଏ ଏହି ମଜଭୁତ କପଡା ତିଆରି କରିଥିଲେ। ଆଉ ଜ୍ୟାକ୍‌ବଙ୍କ ସାହାଯ୍ୟରେ ସେଥିରେ ପ୍ୟାଣ୍ଟ ତିଆରି କଲେ। ହେଲେ ମଜାର କଥା ଯେହେତୁ ଜିନ୍ସ ଗରିବଙ୍କ ପାଇଁ ତିଆରି ହୋଇଥିଲା ସେଥିପାଇଁ ଲିଭାଏ କେବେ ବି ତାକୁ ପିନ୍ଧି ନ ଥିଲେ।

ଗବେଷକଙ୍କ ମତରେ ଇଟାଲିର ଜେନୋଆ ଓ ଫ୍ରାନ୍ସର ନାଇମ୍‌ସରେ ପ୍ରଥମେ ଜିନ୍ସ ଫ୍ୟାବ୍ରିକ୍ ତିଆରି ଆରମ୍ଭ ହୋଇଥିଲା। ଜିଓନାର ଫ୍ରେଞ୍ଚ ଶବ୍ଦ ହେଉଛି ଜିନେସ୍। କୁହାଯାଏ 'ଜିନେସ୍'ରୁ 'ଜିନ୍ସ' ଶବ୍ଦ ଆସିଥାଇପାରେ। ସେହିଭଳି 'ଡେନିମ୍' ଶବ୍ଦଟି ଫ୍ରେଞ୍ଚ ସିଟି 'ନାଇମ୍'ରୁ ଆସିଛି। ଆଉ De Nimes ଡି ନାଇମ୍ ଅର୍ଥ ହେଉଛି 'ଫ୍ରମ୍ ନାଇମ୍‌ସ'।

ପ୍ରଥମେ ନୀଳରଙ୍ଗର ଜିନ୍ସ ଏଇଥିପାଇଁ ତିଆରି କରାଯାଇଥିଲା କାରଣ ଧୂଳି ଓ ମଇଳାକୁ ଏହା ବେଶ୍ ଭଲଭାବେ ଲୁଚାଇପାରେ। ବେଶ୍ ମଜଭୁତ ଏହି ଜିନ୍ସକୁ ପରେ ଆମେରିକୀୟ ସୈନ୍ୟମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଡ୍ୟୁଟିରେ ନ ଥିବାବେଳେ ବି ପିନ୍ଧୁଥିଲେ। ଯଦ୍ୱାରା ଏହା ଲୋକଙ୍କ ଭିତରେ ଅଧିକ ଲୋକପ୍ରିୟ ହେଇଗଲା। ମହିଳାଙ୍କ ଜିନ୍ସ ପ୍ୟାଣ୍ଟ ପ୍ରଥମେ ୧୯୩୪ରେ ତିଆରି ହୋଇଥିଲା। ନୀଳରଙ୍ଗର ଏହି ଜିନ୍ସକୁ ଲଞ୍ଚ କରିବା ପରେ ପ୍ରଚାର ପାଇଁ ବିଭିନ୍ନ ଯାଗାରେ ଏହାର ପୋଷ୍ଟର ଲଗାଯାଇଥିଲା। ଏହି ଜିନ୍ସର ବିଶେଷତ୍ୱ ଏହା ଥିଲା ଯେ, ଏଥିରେ ଜିପ୍ସ ସାଇଡ୍‌ରେ ନ ଥିଲା। ବରଂ ପୁରୁଷଙ୍କ ଜିନ୍ସ ପରି ସାମ୍‌ନା ପଟେ ଥିଲା। ତେଣୁ ଅନେକ ପୁରୁଷ ଏହାକୁ ବିରୋଧ କରିଥିଲେ। ଏହି ବିରୋଧ ସତ୍ତ୍ୱେ ଲିଭାଇସ୍ କମ୍ପାନୀ ଏହି ଜିନ୍ସ ତିଆରି କରିବା ଜାରି ରଖିଥିଲା। ଆଉ ସମୟକ୍ରମେ ଏହା ମହିଳାମାନଙ୍କର ପ୍ରିୟ ଜିନ୍ସ ପାଲଟିଗଲା। ପରେ ରିବେଲ ଉଇଥ ଆଉଟ୍ ଏ କଜ୍ ମୁଭିରେ ଅଭିନେତା ଜେମ୍ସ ଡିନ୍ ଜିନ୍ସ ପିନ୍ଧି ଯୁବଗୋଷ୍ଠି ମଧ୍ୟରେ ଏହାକୁ ଲୋକପ୍ରିୟ କରାଇଥିଲେ। ୧୯୭୦ ବେଳକୁ ୟୁନାଇଟେଡ୍ ଷ୍ଟେଟ୍‌ସରେ ଏହା ବେଶ୍ ଲୋକପ୍ରିୟ ହୋଇଯାଇଥିଲା। ଆଉ ଧୀରେ ଧୀରେ ଏହା ସାରା ପୃଥିବୀରେ ଲୋକପ୍ରିୟ ହେବାକୁ ଲାଗିଲା।

# ଜନ୍ମଦିନକୁ ପାଳିଲେ ମୃତ୍ୟୁଦିନ ପରି






ଜନ୍ମଦିନ ସମସ୍ତଙ୍କ ପାଇଁ ଖାସ୍ ହୋଇଥାଏ। ଏହାକୁ ସମସ୍ତେ ବେଶ୍ ହସଖୁସିରେ ରଙ୍ଗିନ ସାଜସଜ୍ଜା, ସୁସ୍ୱାଦୁ ଖାଦ୍ୟ ଖାଇ ସାଙ୍ଗମାନଙ୍କ ଗହଣରେ ପାଳନ କରିବାକୁ ଚାହାନ୍ତି। ହେଲେ ଜେସିକା ଲ୍ୟୁକ୍ସ ଯେକି ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସେ ଏଭଳି ଭାବେ ନିଜର ୩୦ତମ ଜନ୍ମଦିନ ପାଳନ କରିଛନ୍ତି ଯେ, ତାହା ଏବେ ଚର୍ଚ୍ଚାରେ ରହିଛି। କାନାଡା, ଭାନ୍‌କୁଭର୍‌ରେ ରହୁଥିବା ଏହି ଯୁବତୀଜଣକ ନିଜ ଜନ୍ମଦିନ ପାର୍ଟିକୁ ଫ୍ୟୁନେରାଲ ଥିମ୍‌ରେ ପାଳନ କରିଛନ୍ତି। କଳାରଙ୍ଗ ସାଧାରଣତଃ ମୃତ ବ୍ୟକ୍ତିଙ୍କୁ ସମ୍ମାନ ଜଣେଇବା ପାଇଁ ବ୍ୟବହାର କରାଯାଏ। ହେଲେ ଜେସିକା କଳାରଙ୍ଗର ବେଲୁନ୍, କଳାରଙ୍ଗର କେକ୍ ଏମିତିକି ଡେକୋରେସନ ପାଇଁ ବ୍ୟବହୃତ ସବୁ ଜିନିଷ କଳାରଙ୍ଗର ବ୍ୟବହାର କରିଥିଲ। କେକ୍‌କୁ ବାଦୁଡି ଉଡିବା ଥିମ୍‌ରେ ଡେକୋରେଟ୍ କରାଯାଇଥିଲା ଓ ତା' ଉପରେ ଲେଖାଯାଇଥିଲା 'ଆର୍‌ଆଇପି ଜେସିକା'ସ୍ ଟ୍ୱେଣ୍ଟିସ୍'। ଅର୍ଥାତ୍ ଉକ୍ତ ଜନ୍ମଦିନ ପାର୍ଟିରେ ସେ ନିଜର ଟ୍ୱେଣ୍ଟିସ୍‌ର ମୃତ୍ୟୁ ପାଳନ କରିଥିଲେ। ଆଉ ତାଙ୍କ ଟ୍ୱେଣ୍ଟିସ୍ ବୟସର ଶେଷକୃତ୍ୟ ବି ସମ୍ପନ୍ନ କରାଯାଇଥିଲା। ତାଙ୍କ ବନ୍ଧୁମାନେ ମିଛି ମିଛିକା କାନ୍ଦିଥିଲେ ମଧ୍ୟ। ଫଳରେ ଏହି ଜନ୍ମଦିନର ପରିବେଶ ଲାଗୁଥିଲା ବେଶ୍ ଅଜବ।

# ଧର୍ମ - ଅଧର୍ମର ବାକ୍ ଯୁଦ୍ଧ; ଜିତିଲା କିଏ

ସବୁ ଯୁଗରେ ଭଲ – ମନ୍ଦ, ପାପ – ପୁଣ୍ୟ, ଉଚିତ – ଅନୁଚିତ, ଧର୍ମ – ଅଧର୍ମ ଆଦି ଦୁଇ ଦୁଇଟିର କଥା ରହିଛି । ସମୟ ସମୟରେ ଏ ଦୁହିଁଙ୍କ ଭିତରେ ଦ୍ୱନ୍ଦ୍ୱ ମଧ୍ୟ ଉପୁଜେ । ଧର୍ମବିରୋଧୀ କହୁଥିବ ମୁଁ ଯାହା କରୁଛି ଠିକ୍ – ଧାର୍ମିକ ଲୋକ କହୁଥିବ, ଭାଇ ! ମୋ ରାସ୍ତାଟି ସବୁବେଳେ ଠିକ୍ ଥାଏ । ଏମିତି ପରସ୍ପର ଆରୋପ ଆଉ ପ୍ରତ୍ୟାରୋପ ଭିତରେ କାହା କଥା ରହେ ବା କିଏ ଜିତେ – ଏହା ସେ ସମୟର ପରିବେଶ ଆଉ ପରିସ୍ଥିତିକୁ ନେଇ ନିର୍ଣ୍ଣୟ ହୋଇଥାଏ । ଦେବତା ଆଉ ଦାନବମାନଙ୍କ ଭିତରେ ଅନେକ ସମୟରେ ଯୁଦ୍ଧ ହେବାର କଥା ପୁରାଣରେ ଉଲ୍ଲେଖ ଅଛି । ଆପଣ ଦେଖିବେ ପ୍ରତ୍ୟେକ ଯୁଦ୍ଧରେ ଦେବତାମାନେ ହିଁ ପ୍ରଥମେ ପରାଜିତ ହୁଅନ୍ତି । ପରାଜୟର ଆତ୍ମଗ୍ଲାନିରେ ସେମାନେ ବ୍ରହ୍ମା, ବିଷ୍ଣୁ ବା ଶିବଙ୍କ ଶରଣ ପଶନ୍ତି । ସେଠୁ କିଛି ଅତିରିକ୍ତ ଆଶ୍ୱାସନା, ବଳ ବା ବର ପ୍ରାପ୍ତ ହୋଇସାରିବା ପରେ ହିଁ ସେମାନେ ଶକ୍ତିବାନ୍ ହୋଇଉଠନ୍ତି । ତା' ପରେ ଦାନବମାନଙ୍କୁ ସେମାନେ ଅକ୍ଲେଶରେ ପରାଜିତ କରିପାରନ୍ତି ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

ପାଠକେ ! ଏହା ତ ହେଲା ଶାସ୍ତ୍ର ପୁରାଣର କଥା । ହେଲେ ଏବେ କାହିଁକି ଏଗୁଡ଼ିକୁ ଆମେ ପଢ଼ିବା ବା ଆଲୋଚନା କରିବା ? କଥା ହେଉଛି ଯେଉଁ ସିଦ୍ଧାନ୍ତଗୁଡ଼ିକ ହଜାର ହଜାର ବର୍ଷର, ଯେଉଁ ନିୟମକୁ ସ୍ୱୟଂ ଜଗନ୍ନାଥ ମାନନ୍ତି – ସେଗୁଡ଼ିକୁ ବି ଏ ମଣିଷଗୁଡ଼ାକ ଫୁତ୍କାରରେ ଉଡ଼ାଇ ଦିଅନ୍ତି । ଏ ଧରଣର ଲୋକମାନେ ସବୁଠି ବୈଜ୍ଞାନିକ ଦର୍ଶନ ଖୋଜି ବୁଲନ୍ତି । ଏମାନଙ୍କୁ ସାଧାରଣ କଥାଟିଏ ଜଣା ନ ଥାଏ ଯେ ବିଜ୍ଞାନର ଶେଷ ଯେଉଁଠି, ଆଧ୍ୟାତ୍ମିକତାର ଆରମ୍ଭ ସେଇଠୁ । ଆଧ୍ୟାତ୍ମିକ ଭାବନାର ଗଭୀରତାକୁ ବିଜ୍ଞାନର ବାଡ଼ି ସବୁବେଳେ ମାପ କରିପାରିବ ନାହିଁ । ଚାଉଳ ବା ଭାତ କିଛିଦିନ ରହି ସାରିବା ପରେ ପୋକ ଲାଗି ଯାଉଛି କିନ୍ତୁ ବର୍ଷ ବର୍ଷ ଧରି ମହାପ୍ରଭୁଙ୍କ ନିର୍ମାଲ୍ୟ ଅକ୍ଷୁଣ୍ଣ ରହିପାରୁଛି । ବିଶ୍ୱର ସମସ୍ତ ବର ଗଛରେ ଓହଳ ଥିବା ବେଳେ ଶ୍ରୀମନ୍ଦିର ଭିତରେ ଥିବା କଳ୍ପବଟରେ ଓହଳ ନାହିଁ । କାହିଁକି ? ଏଠି କେଉଁ ବିଜ୍ଞାନ କାମ କରୁଛି ? ବର୍ଷକ ଆଗରୁ ପରାଗ ଏବଂ ଗ୍ରହଣ ହେବା କଥା ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲେଖ ଅଛି । ସମାଜରେ ଅନେକ ଅନୀତି, ଦୁର୍ନୀତି, କୁସଂସ୍କାର ଆଦି ଥିବା ବେଳେ ତା' ବିରୋଧରେ ସ୍ୱର ଉତ୍ତୋଳନ ନ କରି ଯାହା ମଣିଷକୁ ଏକପ୍ରକାର ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ, ସେ ନିୟମ ବିରୋଧରେ ମତ ଦେବା ମୋ ମତରେ ମୂର୍ଖାମିର ପରିଚୟ ମାତ୍ର । ତଥାପି ଏମାନଙ୍କର ଏପରି ଚିନ୍ତାଧାରା ବିରୋଧରେ କାଁ ଭାଁ କେଉଁଠି ସ୍ୱର ଉତ୍ତୋଳନ ହେଉଥିଲେ ବି ଅବଶିଷ୍ଟ ବୃହତ୍ତର ସମାଜ ନିଜ ଉଦାର ଗୁଣରେ ନିରବ ରହି ଏ ମଣିଷମାନଙ୍କୁ ଆଉ ଟିକେ ଆଗକୁ ବାଟ ଛାଡ଼ିଦେଇ ଶେଷ ଫଳାଫଳର ଅପେକ୍ଷାରେ ଥିବାର ମନେହୁଏ ।



ଦିନକର କଥା । ଧର୍ମ ଓ ଅଧର୍ମ ଦୁଇଜଣ ଯାକ ନିଜ ନିଜ ରଥରେ ବସି ସଂସାର ବୁଲିବାକୁ ବାହାରିଗଲେ । କିଛିଦିନ ପରେ ଦୁହେଁ ଗୋଟିଏ ରାସ୍ତାରେ ପରସ୍ପରକୁ ସାମନା ସାମନି କଲେ । ରାସ୍ତାଟି ଖୁବ୍ ସଂକୀର୍ଣ୍ଣ ଥିଲା । ଏକାଥରକେ କେବଳ ଗୋଟିଏ ରଥ ହିଁ ସେ ରାସ୍ତାରେ ଯାଇ ପାରିବ । ସେପଟୁ ଅଧର୍ମର ରଥ ଆସୁଛି । ଏପଟୁ ଧର୍ମର ରଥ ଯାଉଛି । ଏଇଠି ସୃଷ୍ଟି ହେଲା ସମସ୍ୟା । କେହି କାହାକୁ ବାଟ ଛାଡ଼ିବାକୁ ନାରାଜ । କିଛି ସମୟ ପାଇଁ ଧର୍ମ –ଅଧର୍ମ ଦୁହେଁ ପରସ୍ପରକୁ ତିର୍ଯ୍ୟକ ଚାହାଣିରେ ଚାହିଁଲେ । ଧର୍ମ ପ୍ରଥମେ ମୁହଁ ଖୋଲି ଅଧର୍ମକୁ ବୁଝାଇ କହିଲେ – ଭାଇ ଅଧର୍ମ ! ତୁ ଭଲକି ଜାଣିଛୁ ମୁଁ କିଏ । ମୋ ରାସ୍ତାଟି ସବୁବେଳେ ଠିକ୍ ଥାଏ । ମୁଁ କେବେ ବି ଭୁଲ୍ ରାସ୍ତାରେ ଯାଏନା । ତେଣୁ ମୋତେ ରାସ୍ତା ଛାଡ଼ିଦେ । ମୁଁ ଜ୍ଞାନୀ, ବିଦ୍ୱାନଙ୍କ ଦ୍ୱାରା ବନ୍ଦିତ । ମୁଁ ଫଳ ଦାୟକ ଏବଂ ପୁଣ୍ୟ ପ୍ରଦାୟକ । ଲୋକମାନେ ମୋତେ ମାନ୍ୟତା ପ୍ରଦାନ କରନ୍ତି । ମୋର ସାନ୍ନିଧ୍ୟ ପାଇବା ପାଇଁ ସମସ୍ତେ ବ୍ୟାକୁଳ ଥା'ନ୍ତି । ଦେବତାମାନଙ୍କ ଦ୍ୱାରା ବି ମୁଁ ପ୍ରଶଂସିତ । ତେଣୁ ମୋତେ ରାସ୍ତା ଛାଡ଼ିଦେବା ହିଁ ତୁମର ପରମ କର୍ତ୍ତବ୍ୟ ।

ଧର୍ମ ମୁହଁରୁ ଏତକ ଶୁଣିବା କ୍ଷଣି ଅଧର୍ମ କହିଲା – ତୁ' ଧର୍ମ ହେଲେ ବି ମୋ ନାଁ ହେଉଛି ଅଧର୍ମ । ମୁଁ ନିର୍ଭୟ ଆଉ ବଳବାନ୍ । କଥାରେ ଅଛି, ଜୋର ଯାର ମୁଲକ ତା'ର । କାହାକୁ ଦୟା ଦେଖାଇବା ମୋ ଜାତକରେ ନାହିଁ । ମୁଁ ଯାହା ଚାହେଁ ତାହା କରେ । ମୋ ଇଚ୍ଛା ହିଁ ସମ୍ବିଧାନ । ତେଣୁ ତୁ ପହିଲେ ବାଟ ଛାଡ଼ । ଧର୍ମ ଆଉ ଟିକେ ବୁଝାଇ କହିଲା, ଦେଖ ଭାଇ ! ସଂସାରରେ ଆଗ ଧର୍ମ ହିଁ ସୃଷ୍ଟି ହୋଇଥିଲା ବା ଧର୍ମରୁ ଜଗତ ସୃଷ୍ଟି ହୋଇଛି । ତା' ପରେ ତୁମର ସୃଷ୍ଟି ହୋଇଛି । ସେଇ ନ୍ୟାୟରେ ମୁଁ ତୁମର ଜ୍ୟେଷ୍ଠ ଭ୍ରାତା ସଦୃଶ ହେବି । ଧର୍ମ ହିଁ ସନାତନ । ସେଇ ମାନ୍ୟତାରେ ତୁମେ ମୋତେ ଆଗ ରାସ୍ତା ଛାଡିଦିଅ ।

ଏ ସବୁ କଥା ଅଧର୍ମ ଉପରେ କିଛି ପ୍ରଭାବ ପକାଇବା ପରି ଜଣାପଡ଼ିଲାନି । ସେ ବିରକ୍ତ ହୋଇ କହିଲା – ଏସବୁ କଥାର କିଛି ଗୁରୁତ୍ୱ ନାହିଁ । ଆସ, ମୋ ସହିତ ଯୁଦ୍ଧ କର । ଯୁଦ୍ଧରେ ଯେ ହାରିବ ସେ ହିଁ ଅନ୍ୟକୁ ବାଟ ଛାଡିବ ।

ଏଥିରେ ହତାଶ ନ ହୋଇ ଧର୍ମ ପୁଣି ବୁଝାଇବାକୁ ଚେଷ୍ଟା କଲେ – ହେ ଅଧର୍ମ ! ମୋର ସ୍ୱରୂପ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ସବୁ ଆଡ଼େ ବ୍ୟାପ୍ତ । ଅନନ୍ତ ଗୁଣରେ ମୁଁ ବିଭୂଷିତ । ମୋର ଶକ୍ତି ମଧ୍ୟ ଅସୀମ । ତେଣୁ ଯୁଦ୍ଧରେ ମୋତେ ତୁମେ ହରାଇ ପାରିବ ବୋଲି କିପରି ଚିନ୍ତା କରିପାରୁଛ ?

ଅଧର୍ମ ନିଜର ଯୁକ୍ତିକୁ ଶାଣିତ କରିବାକୁ ଯାଇ ଲୁହା ଏବଂ ସୁନା ଉଦାହରଣ ଦେଇ କହିଲା ଶୁଣ, ଉତ୍ତପ୍ତ ତରଳ ଲୁହାରେ ସୁନାକୁ ପକାଇଲେ ସୁନା ତରଳି ଯାଏ କିନ୍ତୁ ଉତ୍ତପ୍ତ ତରଳ ସୁନାରେ ଲୁହା ଖଣ୍ଡେ ପକାଇଲେ ତା'ର କିଛି କ୍ଷତି ହୁଏନା । ତେଣୁ ଆଜି ଅଧର୍ମ ଧର୍ମ କୁ ପରାଜିତ କରିବ ହିଁ କରିବ ।

ଏବେ ସହଜ ଭାବରେ ଧର୍ମ କହିଲେ, ଯାହାର ଯୁଦ୍ଧ କରିବାର ଇଚ୍ଛା ଅଛି, ତା' ପାଇଁ ଜ୍ୟେଷ୍ଠ କ'ଣ, ଗୁରୁଗୁରୁଜନ କ'ଣ ଏହାର କିଛି ଅର୍ଥ ନାହିଁ । ତେଣୁ ଅପ୍ରିୟ ହେବା ଅପେକ୍ଷା ମୁଁ ତୁମକୁ ବାଟ ଛାଡିଦେଉଛି ଏବଂ ତୁମର ସବୁ କଥାକୁ ମଧ୍ୟ କ୍ଷମା କରିଦେଉଛି । ତୁମେ ଏଣିକି ଯାଇ ପାର । ଶେଷକୁ ଧର୍ମ ରାସ୍ତା ଛାଡ଼ିଦେଲେ ।

–ତେଲେଙ୍ଗାପେଣ୍ଠ, କଟକ
ମୋ: ୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ଧ୍ରୁବତାରା

**ଇଂ.ଗାୟତ୍ରୀ ତ୍ରିପାଠୀ**
**ପ୍ରକାଶକ–ବନଫୁଲ ପ୍ରକାଶନୀ**
**ଭୁବନେଶ୍ୱର, ମୂଲ୍ୟ–୧୬୦ଟଙ୍କା**


ଧ୍ରୁବତାରା ଇଂ.ଗାୟତ୍ରୀ ତ୍ରିପାଠୀଙ୍କ କବିତା ସଂକଳନ । ଏଥିରେ ୪୧ଟି କବିତା ସ୍ଥାନୀତ ହୋଇଛି । ୧୬ନମ୍ବର କବିତା ହେଉଛି ଧ୍ରୁବତାରା । ଏହି କବିତା ନାମରେ ପୁସ୍ତକର ନାମକରଣ କରାଯାଇଛି । ଲେଖିକାଙ୍କର ପ୍ରିୟ ବାନ୍ଧବୀ ଶର୍ମିଷ୍ଠା ଦାସଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟେ । ତାଙ୍କ ବିୟୋଗରେ ସେ ମର୍ମାହତ ହୋଇ ଲେଖିନ୍ତି ଧ୍ରୁବତାରା । ମଣିଷ ମୃତ୍ୟୁ ପରେ ତାର ଆଉ କିଛି ସତ୍ତା ନ ଥାଏ ତେଣୁ ସେ ସେସବୁକୁ ଭୁଲିବା ଲାଗି ସେ କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି । ପ୍ରତିଟି କବିତାରେ ସେ ଭଗବତ୍ ତତ୍ତ୍ୱକୁ ଅନୁଭବ କରୁଛନ୍ତି । 'ମାତୃପ୍ରେମ' ତାର ଉଦାହରଣ । ମା' ମାଟି ଓ ସରଗ ଓହ୍ଲାଇ ଆସିଛି କବିତା ଭିତରେ । ଏଗୁଡିକ କବିତାରେ ଅନୁଭବ କରିପାରିବେ । ହୃଦୟକୁ କବିତା ଭିତରେ ସେ ଯେଭଳି ନିମଗ୍ନ କରି ରଖି ପାରିଛନ୍ତି ସେଥିଲାଗି ସେ ଧନ୍ୟବାଦର ପାତ୍ର ।




### ମଧୁକ୍ଷରା

**କମଳ କୁମାରୀ ଦାଶ**
**ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର**
**ମୂଲ୍ୟ–୨୫୦ଟଙ୍କା**


ମଧୁକ୍ଷରା କମଳ କୁମାରୀ ଦାଶଙ୍କ କବିତା ସଂକଳନ । ଏଥିରେ ୭ଟି ଭାଗ ରହିଛି । କବିତା ବିଳାସ, ଗ୍ରୀଷ୍ମ ତ୍ରାସ, ବର୍ଷା ବିନ୍ୟାସ, ଶରତ ସୁରସ, ଶୀତ ସମ୍ଭାଷ, ବସନ୍ତ ବିଭାଷ, ସ୍ମୃତି ସୁନ୍ୟାସ । କବିଙ୍କ କବିତାରେ ଭାଷାର ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟ ଓ ସାବଲୀଳତା ଓ ଛନ୍ଦଶୀଳତାକୁ ଅନୁଭବ କରି ହେବ । ଏସବୁ ଯେମିତି ପ୍ରତିଟି କବିତାର ଆତ୍ମା । ଏହି ବିଶ୍ୱ ବ୍ରହ୍ମାଣ୍ଡର ଅନ୍ତର୍ମୁଖୀ ଅନୁରାଗକୁ ନିଜ ସ୍ପନ୍ଦନରେ ଅନୁଭବ କରି ତାକୁ ପ୍ରାଣବନ୍ତ ଭାଷାରେ ଉତ୍ତାରି ଦେଇ କବି ଆମକୁ ଏକ ଭିନ୍ନ ଚେତନାକୁ ନେଇ ଯାଇଛନ୍ତି । ପ୍ରତିଟି କବିତା ଛଳଛଳ ଛାନ୍ଦସିକ ଆଉ ଏହାର ଭାବ ପ୍ରାଣସ୍ପର୍ଶୀ । ପ୍ରକୃତି ହିଁ କବିଙ୍କୁ ପ୍ରେରିତ କରିଛି ଏଭଳି ଅନବଦ୍ୟ ସାରସ୍ୱତ ସାଧନା ପାଇଁ । ଏହା ପାଠକଙ୍କ ଲାଗି ମହୁସ୍ରାବୀ । ଏଥିରେ ସନ୍ଦେହ ନାହିଁ ।




### ନିରୁଦ୍ଦିଷ୍ଟ ସୂର୍ଯ୍ୟର ଠିକଣା

**ରତ୍ନାକର ନାୟକ**
**ପ୍ରକାଶକ–ଓଡିଶା ବୁକ୍ ଷ୍ଟୋର**
**ବିନୋଦ ବିହାରୀ, କଟକ, ମୂଲ୍ୟ–୧୦୦ଟଙ୍କା**

ନିରୁଦ୍ଦିଷ୍ଟ ସୂର୍ଯ୍ୟର ଠିକଣା କଥାକାର ରତ୍ନାକର ନାୟକଙ୍କ ଗଳ୍ପ ପୁସ୍ତକ । ଏଥିରେ ସେ ସୂର୍ଯ୍ୟ ନାରାୟଣ ଖଣ୍ଡୁଆଳଙ୍କ କଥା ବର୍ଣ୍ଣନା କରିଛନ୍ତି । ସେ କିଭଳି ନିରୁଦ୍ଦିଷ୍ଟ ହୋଇ ଯାଉଛନ୍ତି । ତାର ଚମତ୍କାର କଥା ବସ୍ତୁ ସେ ଗପ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । ସୋମବାର ହାଟବାରିରେ ସୂର୍ଯ୍ୟ ଆସି ନିମ ଦୋକାନ ପାଖରେ ସାଇକେଲ ଥୋଇ କହିଲା ମୁଁ ହାଟ ଭିତରୁ ଆସୁଛି । ତାଲା ପଡିନି ତମେ ଲକ୍ଷ୍ୟ କରିଥିବ । ଏ ଘଟଣା ନୂଆ ନୁହେଁ ସୂର୍ଯ୍ୟ ବଜାରକୁ ଯାଏ ଆଉ କାମ ସାରି ଆସି ସାଇକେଲ ନେଇ ଘରକୁ ଯାଏ । କିନ୍ତୁ ଘଟିଗଲା ଅଘଟଣ । ସୂର୍ଯ୍ୟ ଆଉ ଫେରିଲା ନାହିଁ , ସାଇକେଲ ପାଖକୁ । ଦୋକାନୀ ସାଇକେଲ କଡକୁ ରଖିଲା ବେଳେ ପହଞ୍ଚିଗଲେ ପୋଲିସ । ଆଉ ଦୋକାନୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଜେରା କରିବାକୁ ଲଗିଲେ । ଏହା ହେଉଛି ନିରୁଦ୍ଦିଷ୍ଟ ସୂର୍ଯ୍ୟ ଗପର ବିଷୟବସ୍ତୁ । ଖୁବ୍ ଚମତ୍କାର ଭାବେ ଗପଗୁଡିକୁ ଲେଖକ ଜୀବନ୍ତ ଭାବେ ବର୍ଣ୍ଣନା କରିଛନ୍ତି । ଯାହା ସୁଖପାଠ୍ୟ ।



# ବ୍ୟାକ୍ ପେଜ୍

# ପ୍ରେମ ଦେଖେନା ଉଚ୍ଚତା

ମନ ସହ ଯେବେ ମନ ମିଶିଯାଏ ପ୍ରେମ ହେଇଯାଏ । ଆଉ ଏଇ ପ୍ରେମ ନା ଦେଖେ ଜାତି, ଧର୍ମ ଅବା ବର୍ଣ୍ଣ । ତା'ସହ ଉଚ୍ଚତାର ତାରତମ୍ୟ ବି ଦେଖେନା । ଯେମିତିକି ବ୍ରିଟେନ୍‌ର ଏଇ ଦମ୍ପତି । ଜେମ୍ସ ଓ କ୍ଲୋଇ ଲଷ୍ଟେଡ ନାମକ ଏହି ଦମ୍ପତିରେ ସ୍ୱାମୀ ଜେମ୍ସଙ୍କର ଉଚ୍ଚତା ହେଉଛି ୩ ଫୁଟ ୭ ଇଞ୍ଚ ଏବଂ ପତ୍ନୀ କ୍ଲୋଇଙ୍କ ଉଚ୍ଚତା ୫ ଫୁଟ ୫.୪ ଇଞ୍ଚ । ଦୁହିଁଙ୍କ ଉଚ୍ଚତା ଭିତରେ ୧ ଫୁଟ ୧୦ ଇଞ୍ଚର ବ୍ୟବଧାନ ରହିଛି । ଏହି ବ୍ୟବଧାନ ପାଇଁ ଉକ୍ତ ଦମ୍ପତି ଉଚ୍ଚତାରେ ସବୁଠାରୁ ବେଶି ତାରତମ୍ୟ ଥିବା ଦମ୍ପତିଭାବେ ୱାର୍ଲଡ ରେକର୍ଡରେ ସାମିଲ ହୋଇପାରିଛନ୍ତି । ଜେମ୍ସ ଜନ୍ମରୁ ଡାୟଏଷ୍ଟ୍ରୋଫିକ୍ ଡାୟସ୍ପ୍ଲେସିଆ ନାମକ ରୋଗରେ ଆକ୍ରାନ୍ତ ଥିଲେ । ଏହି ରୋଗରେ ଶରୀରର ଉଚ୍ଚତା ବଢି ନ ଥାଏ । ଏହି ଦୁଇଜଣଙ୍କର ଦେଖା ୨୦୧୨ରେ ହୋଇଥିଲା । ଆଉ ୨୦୧୬ରେ ବିବାହ । ତାଙ୍କର ଏକ କୁନି ଝିଅଟିଏ ବି ଅଛି । ଜୁନ ୨୦୨୨ରେ ୱାର୍ଲଡ ରେକର୍ଡ ତାଙ୍କ ନାମରେ ହୋଇଥିଲା । କ୍ଲୋଇ କହନ୍ତି, 'ଜେମ୍ସ ଅନ୍ୟ ସ୍ୱାମୀଙ୍କ ପରି ସବୁ କାମ କରି ପାରନ୍ତି । ତେବେ ତାଙ୍କ କରିବାର ତରିକା ଟିକେ ଭିନ୍ନ ଥାଏ । ଆଉ ଏକ କଥା ହେଲା– କୌଣସି ବହିର ମଲାଟ ଦେଖି ବହିଟି ଖରାପ କି ଭଲ ଯେମିତି କହି ହେବନି, ସେମିତି ଜେମ୍ସଙ୍କ ଉଚ୍ଚତାକୁ ନେଇ ତାଙ୍କ ବ୍ୟକ୍ତିତ୍ୱକୁ ମାପିବା ଠିକ୍ ନୁହେଁ । ସେ ଜଣେ ବହୁତ ଭଲ ସ୍ୱାମୀ ଓ ଭଲ ବାପା ବି ।'







# ଅଖରୋଟ ଭିତରେ ଘର





ବିଭିନ୍ନ ପ୍ରକାରର ଅଜବ ସାମଗ୍ରୀରେ ହୋଇଥିବା କଳାକୃତୀ ତ ଦେଖିଥିବେ । ତେବେ ନିକଟରେ ଜଣେ କଳାକାରଙ୍କ କଳାକୃତୀ ବେଶ୍ ଚର୍ଚ୍ଚାରେ ଅଛି । ସେ ଏହି କଳାକୃତୀ ଯେଉଁଥିରେ ତିଆରି କରିଛନ୍ତି ତାକୁ ଦେଖିଲେ ବିଶ୍ୱାସ କରିହେବନି ଯେ, ଏଥିରେ ବି ଏଭଳି ସୁନ୍ଦର କଳାକୃତୀ କରିହେବ । ସେ ଅଖରୋଟରେ କରିଛନ୍ତି ଏହି କଳାକୃତୀ । ଏତେ ଛୋଟ ଜିନିଷକୁ ସେ ଦୁଇ ଫାଳ କରି କାଟି ତା'ର ଭିତର ଅଂଶକୁ ଘରର ଲୁକ୍ ଦେଉଛନ୍ତି । ବାଦାମର ଗୋଟିଏ ଭାଗକୁ ସେ କବାଟକୁ ଜଏଣ୍ଟ କଲାଭଳି କବ୍‌ଜା ଲଗାଇ ଜଏଣ୍ଟ କରିଛନ୍ତି । ଆଉ ତା'ର ବିପରୀତ ଭାଗକୁ କବାଟ ଖୋଲିଲା ପରି ଖୋଲିଲେ ଭିତରେ ଘରର ଦୃଶ୍ୟ ଦେଖିବାକୁ ମିଳେ । କେତେବେଳେ ଅଖରୋଟ ଭିତରେ ଷ୍ଟଡି ରୁମ୍ ତ କେବେ କିଚେନ, ପୁଣି କେବେ ଏଥିରେ ସେ ବେଡରୁମ୍‌ର ସୁନ୍ଦର ଡିଜାଇନ୍ ବେଶ୍ ନିଖୁଣଭାବେ କରିଛନ୍ତି । ଛୋଟ ଛୋଟ ଆସବାବ ପତ୍ର, ଫୁଲଦାନୀ, ବହି ଥାକରେ ସଜାଇ ହୋଇ ରହିଥିବା ବହି, ଲ୍ୟାମ୍ପ, ପରଦା ଓ ଅନ୍ୟ ଘରସଜ୍ଜା ସାମଗ୍ରୀରେ ସଜ୍ଜିତ ସେହି ଘରଗୁଡିକ ଏତେ ସୁନ୍ଦର ଲାଗେ ଯେ, ଯେତେ ଦେଖିଲେ ବି ମନ ଭରିବ ନାହିଁ । ଛୋଟ ଛୋଟ ପ୍ରାଣୀ ଯେମିତିକି କୁକୁର ବିଲେଇ ସେହି ଘରେ ବସିଥିବା ଓ ଲାଇଟ୍ ଜଳୁଥିବା ବି ଦେଖିପାରିବେ । ଏତେ ଛୋଟ ଅଖରୋଟ ଭିତରେ ଏତେ ଛୋଟ ଛୋଟ ସାମଗ୍ରୀକୁ ନେଇ ଜୀବନ୍ତ ଦୃଶ୍ୟ ତିଆରି କରିବା କେତେଯେ, କଷ୍ଟକର ତାହା କେବଳ ଏହାକୁ ତିଆରି କରିଥିବା କଳାକାର ଜାଣନ୍ତି ।

# ଘୋଡା ପାଇଁ ସ୍ନିକର୍ସ

ସ୍ନିକର୍ସ ଆରାମଦାୟକ ହେବା ସହ ଷ୍ଟାଇଲିଶ୍ ବି ହୋଇଥାଏ । ସେଥିପାଇଁ ପିଲାଠାରୁ ବୟସ୍କ ସମସ୍ତେ ଏହାକୁ ପିନ୍ଧିବାକୁ ଭଲ ପାଆନ୍ତି । ହେଲେ ଏବେ ଘୋଡାମାନଙ୍କୁ ବି ସ୍ନିକର୍ସ ପିନ୍ଧି ବୁଲୁଥିବାର ଦେଖିପାରିବେ । କାରଣ ମାର୍କସ୍ ଫ୍ଲୋୟଡ୍ ନାମକ ଜୋତା ଆର୍ଟିଷ୍ଟ ଘୋଡାଙ୍କ ପାଇଁ ଡିଜାଇନ୍ କରିଛନ୍ତି ଏକ ସୁନ୍ଦର ହର୍ସ ସୁଜ୍(ସ୍ନିକର୍ସ) । ଘୋଡାଙ୍କ ପାଇଁ ଉଦ୍ଦିଷ୍ଟ ଏହି ସ୍ନିକର୍ସ ବେଶ୍ ଆକର୍ଷକ । ରିପୋର୍ଟ ମୁତାବକ ଏହାର ଡିଜାଇନ୍ ଓ ଏଥିରେ ବ୍ୟବହାର କରାଯାଇଥିବା ସାମଗ୍ରୀ ଏୟର ଜର୍ଡନ, ୟିଜି ଓ ନ୍ୟୁ ବାଲାନ୍ସ ପରି ବ୍ରାଣ୍ଡର ହେବ । ଉକ୍ତ ସ୍ନିକର୍ସକୁ ଘୋଡାର ଖୁରାକୁ ଧ୍ୟାନ ରଖି ଡିଜାଇନ୍ କରାଯାଇଛି । ଯେଉଁମାନେ ଘୋଡା ପାଳନ୍ତି ତାଙ୍କ ପାଇଁ ଏହି ସ୍ନିକର୍ସ ବହୁତ କାମରେ ଲାଗିବ । କାରଣ ଆର୍ଟିଷ୍ଟ ମଣିଷ ଓ ଘୋଡାଙ୍କ ପାଇଁ ଏକାପରି ଡିଜାଇନ୍‌ର ସ୍ନିକର୍ସ ତିଆରି କରିଛନ୍ତି । ଏହାର ପ୍ରାରମ୍ଭିକ ମୂଲ୍ୟ ୧ ଲକ୍ଷ ରହିବ । ଫ୍ଲୋୟଡ କହନ୍ତି, 'ଏହି ସ୍ନିକର୍ସକୁ ଡିଜାଇନ୍ କରିବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଥିଲା । ଘୋଡା ଗୋଡକୁ ଏହା କିପରି ଦେଖାଯିବ ଓ ମଣିଷ ସ୍ନିକର୍ସର କେତେ ଅଂଶ ଏଥିରେ କପି କରାଯିବ ଏନେଇ ମୁଁ ଦ୍ୱନ୍ଦ୍ୱରେ ଥିଲି । ହେଲେ ବହୁ ଗବେଷଣା ପରେ ଏଭଳି ଏକ ସ୍ନିକର୍ସ ତିଆରି କରିବାରେ ସଫଳ ହେଲି' । ସୋସିଆଲ ମିଡିଆରେ ବେଶ୍ ପସନ୍ଦ କରାଯାଉଥିବା ଏହି ସ୍ନିକର୍ସକୁ ଅନେକେ ପସନ୍ଦ କରଥିବାବେଳେ କେହି କେହି କହୁଛନ୍ତି ଏହି ସ୍ନିକର୍ସ କେବଳ ଫ୍ୟାଶନ୍ ରେସ୍ ଅବା ଫ୍ୟାଶନ୍ ଶୋ'ରେ ଘୋଡାକୁ ପିନ୍ଧାଇ ହେବ । ବାସ୍ତବ ଦୌଡାଦୌଡି କରିବାରେ ଏହା ବିଶେଷ ସହାୟକ ନ ହୋଇପାରେ ।



